

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୮ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 18 MAY 2023

Vol.No. 34 ■ No. 130 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଜି 'ବନ୍ଦେ ଭାରତ ଏକ୍ସପ୍ରେସ' ସମେତ ପ୍ରାୟ ୮ହଜାର କୋଟିର ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୧୭/୦୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ପୁରୀ-ହାୱଡା 'ବନ୍ଦେ ଭାରତ ଏକ୍ସପ୍ରେସ' ସମେତ ପ୍ରାୟ ୮ହଜାର କୋଟି ଟଙ୍କାରୁ ଅଧିକ ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ। ପୁରୀ ଓ କଟକ ରେଳଷ୍ଟେସନର ପୁନଃବିକାଶ କାର୍ଯ୍ୟର ଶିଳାନ୍ୟାସ ସହ ଓଡ଼ିଶାରେ ରେଳ ନେଟୱାର୍କର ଶତ ପ୍ରତିଶତ ବିଦ୍ୟୁତିକରଣକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ନୂଆଦିଲ୍ଲୀରୁ ଆସନ୍ତାକାଲି ସାଢ଼େ ୧୨ଟା ସମୟରେ ଭର୍ଚୁଆଲ ମୋଡରେ ପୁରୀ-ହାୱଡା ବନ୍ଦେ ଭାରତ ଏକ୍ସପ୍ରେସକୁ ପତାକା ଦେଖାଇ ଲୋକାର୍ପଣ କରିବା ସହ ବିଭିନ୍ନ ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ପୁରୀ ରେଳ ଷ୍ଟେସନରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପୁରୀ ଓ କଟକ ରେଳ ଷ୍ଟେସନର ପୁନଃବିକାଶ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ପୁନଃବିକାଶ ହେଉଥିବା ଷ୍ଟେସନଗୁଡ଼ିକରେ ରେଳ ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଆଧୁନିକ ସୁବିଧାସୁଯୋଗ ପ୍ରଦାନର ବ୍ୟବସ୍ଥା ରହିବ । ସେହିପରି ଓଡ଼ିଶାରେ ରେଳ ନେଟୱାର୍କର ୧୦୦ ପ୍ରତିଶତ ବିଦ୍ୟୁତିକରଣକୁ ପ୍ରଧାନମନ୍ତ୍ରୀ ଲୋକାର୍ପଣ କରିବେ। ଏହା ଅପରେଟିଂ ଓ ରକ୍ଷଣାବେକ୍ଷଣ ମୂଲ୍ୟ ହ୍ରାସ କରିବ । ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା ହ୍ରାସ କରିବ । ସେହିପରି ସମ୍ବଲପୁର-ଟିଟିଲାଗଡ଼ ରେଳଲାଇନର ଦୋହରୀକରଣ, ଅନୁଗୁଳ-ସୁକିନ୍ଦା ମଧ୍ୟରେ ନୂଆ ବ୍ରଡଗଜ ରେଳଲାଇନ୍, ମନୋହରପୁର-ରାଉରକେଲା-ଝାରସୁଗୁଡ଼ା-ଜାମଗା ମଧ୍ୟରେ ତୃତୀୟ ଲାଇନ୍ ଏବଂ ବିଛୁପାଲି-ଝାରତରଭା ମଧ୍ୟରେ ନୂଆ ବ୍ରଡ୍ ଗଜ୍ ଲାଇନର ଲୋକାର୍ପଣ କରିବେ। ଓଡ଼ିଶାର ଇସ୍ପାତ ଓ ଖଣି କ୍ଷେତ୍ରରେ ଦ୍ରୁତ ଶିଳ୍ପ ବିକାଶ ହେତୁ ଏଗୁଡ଼ିକ ବର୍ଦ୍ଧିତ ପରିବହନ ଚାହିଦା ପୂରଣ କରିବ ଓ ଯାତ୍ରୀ ପରିବହନ ଉପରେ ପଡୁଥିବା ଚାପକୁ ମଧ୍ୟ ହ୍ରାସ କରିବାରେ ସହାୟକ ବୋଲି ରେଳବାଇ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଅଜଣା ସୂତ୍ରରୁ ବିଜେଡି ପାଇଛି ୨୯୧ କୋଟି ଚାନ୍ଦା




ଭୁବନେଶ୍ୱର, ୧୭/୦୫ (ନି.ପ୍ର): ଦେଶରେ ରାଜନୈତିକ ଦଳଗୁଡିକ କେଉଁ ଉତ୍ସରୁ ଟଙ୍କା ପାଆନ୍ତି ? କିଏ କେତେ ଚାନ୍ଦା କେଉଁ ଦଳକୁ ଦିଅନ୍ତି ତାକୁ ନେଇ ସର୍ବଦା ଜନସାଧାରଣଙ୍କ ମନରେ ଉତ୍କଣ୍ଠା ରହିଥାଏ। ଏଭଳି ସ୍ଥିତିରେ ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମସ ବା ଏଡିଆର ପକ୍ଷରୁ ୨୦୨୧-୨୨ ବର୍ଷ ପାଇଁ ଦେଶରେ ଆଞ୍ଚଳିକ ଦଳଗୁଡିକର ପାଣ୍ଠି ଉତ୍ସକୁ ନେଇ ରିପୋର୍ଟ ପ୍ରକାଶ କରାଯାଇଛି। ଏହି ରିପୋର୍ଟରେ ଆଖି ଖୋସି ହେଲା ଭଳି ତଥ୍ୟ ସାମ୍ନାକୁ ଆସିଛି ଯେଉଁଥିରେ ଦେଶର ୨୭ଟି ଆଞ୍ଚଳିକ ଦଳ ଅଜଣା ସୂତ୍ରରୁ ୧୧୬୫ କୋଟି ଟଙ୍କା ଚାନ୍ଦା ଆକାରରେ ପାଇଛନ୍ତି। ଏଥିପାଇଁ ଏଡିଆର ୨୭ଟି ଆଞ୍ଚଳିକ ଦଳ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିବା ଅଡିଟ ରିପୋର୍ଟରୁ ଜଣାଯାଇଛି। ସେଥିରୁ ମାତ୍ର ୧୪୫.୪୨ କୋଟି ଟଙ୍କା ଅର୍ଥାତ୍ ୧୨.୪୭୬ ପ୍ରତିଶତ ଆୟ ଉପରେ ଦାତାଙ୍କ ସମ୍ପର୍କରେ ସୂଚନା ରହିଛି। ସେହି ଆଞ୍ଚଳିକ ଦଳଗୁଡିକ ମଧ୍ୟରେ ତାମିଲନାଡୁର ଆଞ୍ଚଳିକ ଦଳ ଡିଏମକେ ଶୀର୍ଷରେ ରହିଥିବା ବେଳେ ବିଜେଡି ଦ୍ୱିତୀୟ ସ୍ଥାନରେ ରହିଛି। ଅଜଣା ସୂତ୍ରରୁ ଡିଏମକେ ୩୦୬ କୋଟି ଟଙ୍କା ପାଇଥିବା ବେଳେ ଓଡ଼ିଶାର ଆଞ୍ଚଳିକ ଦଳ ବିଜେଡି ପାଇଛି ୨୯୧ କୋଟି ଟଙ୍କା ଏବଂ ୧୫୩ କୋଟି ସହ ତେଲେଙ୍ଗାନାର ଆଞ୍ଚଳିକ ଦଳ ଟିଆରଏସ୍ ତୃତୀୟରେ ରହିଛି। ଅଜଣା ସୂତ୍ରରୁ ସର୍ବାଧିକ ଚାନ୍ଦା ପାଇଥିବା ଆଞ୍ଚଳିକ ଦଳଗୁଡିକ ମଧ୍ୟରେ ଡିଏମକେ ଶୀର୍ଷରେ ରହିଥିବା ବେଳେ ବିଜେଡି ଦ୍ୱିତୀୟ ସ୍ଥାନରେ ରହିଛି। ଏଡିଆର ରିପୋର୍ଟରୁ ଆହୁରି ଜଣାପଡିଛି ଯେ, ବିଜେଡି ୨୦୨୧-୨୨ ବର୍ଷରେ ମୋଟ ୩୦୭ କୋଟି ଟଙ୍କା ଚାନ୍ଦା ପାଇଛି। ସେଥିରୁ ୯୪.୭୩ ପ୍ରତିଶତ ଅର୍ଥାତ୍ ୧୯୧.୦୯୬ କୋଟି ଟଙ୍କା ଅଜଣା ସୂତ୍ରରୁ ସଂଗ୍ରହ କରିଛି ।

## ଆଜି ସକାଳ ୧୦ଟାରେ ବାହାରିବ ମାଟ୍ରିକ ରେଜଲ୍ଟ




କଟକ, ୧୭/୦୫ (ନି.ପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ(ବିଏସଇ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଆସନ୍ତାକାଲି ସକାଳ ୧୦ଟାରେ ପ୍ରକାଶ ପାଇବ । ତେବେ ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟରୁ ଏହି ପରୀକ୍ଷା ଫଳ ବା ସ୍କୋର କାର୍ଡକୁ ଦିନ ୧୨ଟାରେ ଡାଉନଲୋଡ୍ କରିବାର ସୁଯୋଗ ପାଇବେ । ସୂଚନା ଅନୁସାରେ ଆସନ୍ତାକାଲି ବୋର୍ଡ ସଭାପତି ରାମାସିସ୍ ହଜାରାଙ୍କ ଦ୍ୱାରା ସକାଳ ୧୦ଟାରେ ମାଟ୍ରିକ ପରୀକ୍ଷା ଫଳ ଘୋଷଣା କରାଯିବ । ପରୀକ୍ଷାର୍ଥୀମାନେ ଦିନ ୧୨ଟାରୁ ନିଜ ସ୍କୋର କାର୍ଡକୁ ବୋର୍ଡ ୱେବସାଇଟରୁ ଡାଉନଲୋଡ୍ କରିପାରିବେ। ଏହା ସହିତ ଛାତ୍ରଛାତ୍ରୀମାନେ ଚାହିଁଲେ ୫୬୭୬୭୫୦କୁ ଏସଏମସ୍ ପଠାଇ ନିଜର ସ୍କୋର କାର୍ଡ ପାଇପାରିବେ। ବୋର୍ଡର ଦୁଇଟି ୱେବସାଇଟ୍ ବିଏସଇ ଓଡ଼ିଶାଡଟଏସିଡଟଇନ୍ ଏବଂ ବିଏସଇ ଓଡ଼ିଶା ଡଟ ଏନଆଇସିଡଟଇନ୍ ରେ ଏହି ପରୀକ୍ଷା ଫଳ ଉପଲବ୍ଧ ହେବ । ଚଳିତବର୍ଷ ମୋଟ ୫.୩୨ଲକ୍ଷ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବାକୁ ଫର୍ମ ଫିଲଅପ୍ କରିଥିଲେ ମଧ୍ୟ ମାର୍ଚ୍ଚ ୧୦ରୁ ୧୭ତାରିଖ ପର୍ଯ୍ୟନ୍ତ ହୋଇଥିବା ମାଟ୍ରିକ ପରୀକ୍ଷାରେ ପ୍ରାୟ ୧୩୦୫୮ଜଣ ପରୀକ୍ଷାର୍ଥୀ ବିଭିନ୍ନ କାରଣରୁ ପରୀକ୍ଷା ଦେଇନଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ୨୦୨୨ ମସିହା ମାଟ୍ରିକ ପରୀକ୍ଷାରେ ୯୦.୫୫ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୮୧୧୯ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ୍ ଓ ୫୪୮୮୯ଜଣ ଏ୨ ଗ୍ରେଡ୍ ରଖିଥିଲେ ।

## ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ପାଇଁ ଅଡୁଆ ବଢ଼ିଲା

### ଥାନା ଗଣ୍ଡଗୋଳ ଘଟଣାରେ ମାମଲା ରଦ୍ଦ ପାଇଁ ଆବେଦନକୁ ଖାରଜ କଲେ ହାଇକୋର୍ଟ



ଭୁବନେଶ୍ୱର, ୧୭/୦୫ (ନି.ପ୍ର): ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ପାଇଁ ଅଡୁଆ ବଢିଛି । ହାଇକୋର୍ଟ କାମାକ୍ଷାନଗର ଥାନା ଗଣ୍ଡଗୋଳ ଘଟଣାରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ରଦ୍ଦ ପାଇଁ ଦାୟର ପିଟିସନକୁ ଖାରଜ କରି ଦେବା ପରେ ତାଙ୍କର ଅଡୁଆ ବଢିଛି । ଏହି ମାମଲାର ଶୁଣାଣୀ ନିମ୍ନ ଅଦାଲତରେ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୨୦୧୩ ମସିହାରେ ମନ୍ତ୍ରୀ ଓ ତାଙ୍କର କିଛି ସମର୍ଥକ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଭିତରେ ପଶି ଭଙ୍ଗାରୁଜା କରିବା ସହ ଥାନା ଅଧିକାରୀଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପ୍ରଫୁଲ୍ଲ ମଲ୍ଲିକଙ୍କ ସହ ତାଙ୍କ ସମର୍ଥକଙ୍କ ବିରୋଧରେ ଏତଲା ହୋଇଥିଲା।

## ୪୦ ଡିଗ୍ରି ଉପରେ ରାଜ୍ୟର ୨୨ ସହର

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ସାରା ରାଜ୍ୟରେ ଗ୍ରୀଷ୍ମର ଲହରି ଜାରି ରହିଛି। ପ୍ରବଳ ଖରା ଓ ଗୁଳୁଗୁଳି ଆହୁରି ୫ ଦିନ ଯାଏଁ ଲୋକଙ୍କୁ ଛଟପଟ କରିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଆଜି ରାଜ୍ୟର ୨୨ଟି ସହରରେ ତାପମାତ୍ରା ୪୦ ଡିଗ୍ରି ଅଥବା ଏଥିରୁ ଅଧିକ ରେକର୍ଡ କରାଯାଇଛି। ଏଥିରେ ସୋନପୁର ଓ ଅନୁଗୁଳବାସୀ ୪୪.୧ ଡିଗ୍ରିରେ ସିଝିଛନ୍ତି। ସେହିପରି ବୌଦ୍ଧରେ ମଧ୍ୟ ପାରା ୪୪ ଡିଗ୍ରି ଛୁଇଁଛି। ଟିଟିଲାଗଡ଼ରେ ୪୩.୫, ସମ୍ବଲପୁର ଏବଂ ଝାରସୁଗୁଡ଼ାରେ ୪୩.୪, ଭବାନୀପାଟଣାରେ ୪୩, ହୀରାକୁଦରେ ୪୨.୯, ମାଲକାନଗିରିରେ ୪୨.୬, ବଲାଙ୍ଗୀରରେ ୪୨.୫, ତାଳଚେରରେ ୪୨.୪, ରାଉରକେଲାରେ ୪୨.୨, ନୂଆପଡ଼ା, ସୁନ୍ଦରଗଡ଼ ଏବଂ ବରଗଡ଼ରେ ୪୨, ବାରିପଦାରେ ୪୧.୨,

▶▶ପୃଷ୍ଠା ୭

### ଆଜି ବନକଲାଗି: ୪ ଘଣ୍ଟା ଶ୍ରୀଜିଉଙ୍କ ଦର୍ଶନ ବନ୍ଦ

ପୁରୀ, ୧୭/୦୫ (ନି.ପ୍ର): ପୁରୀ ଶ୍ରୀମନ୍ଦିରରେ ବୁଧବାର ୪ ଘଣ୍ଟା ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରହିବ। ସ୍ନାନ ଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ରତ୍ନବେଦୀରେ ଏହି ଗୁପ୍ତ ନୀତି ସମ୍ପନ୍ନ ହେବ। ସଂଧ୍ୟା ୬ଟାରୁ ୪ ଘଣ୍ଟା ଲାଗି ବନକାଲାଗି ନୀତି କରାଯିବ। ଏହି ନୀତି ଅନୁସାରେ ଶ୍ରୀଜିଉଙ୍କ ମୁଖମଣ୍ଡଳକୁ ସଜ୍ଜିତ କରାଯିବ। ଏହି ସମୟରେ ବନ୍ଦ ରହିବ ଦର୍ଶନ। ତେବେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀଜିଉଙ୍କ ଦର୍ଶନ କରିହେବ। ତା'ପରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ଧରି ଏହି ନୀତି ସେବାୟତମାନେ କରୁଥିବାରୁ କେହି ଦର୍ଶନ କରିପାରିବେନି। ଦ୍ୱିତୀୟ ଭୋଗମଣ୍ଡପ ଶେଷ ପରେ ଦର୍ଶନ ବନ୍ଦ ରହିବ।

## କ୍ଷମତା ଭାଗବଣ୍ଟା ଫର୍ମୁଲାରେ ଶିବକୁମାର ରାଜି: କିନ୍ତୁ ପ୍ରଥମେ ମୁଖ୍ୟମନ୍ତ୍ରୀ ହେବା ଜିଦ୍‌ରେ ଅଟଳ



ନୂଆଦିଲ୍ଲୀ, ୧୬/୦୫ : କର୍ଣ୍ଣାଟକାରେ ମୁଖ୍ୟମନ୍ତ୍ରୀ କିଏ ହେବେ, ତା'କୁ ନେଇ ସସପେନ୍ସ ଜାରି ରହିଛି। ଦୁଇ ବରିଷ୍ଠ ନେତା ସିଦ୍ଦରମୈୟା ଓ ଡିକେ ଶିବକୁମାର ମୁଖ୍ୟମନ୍ତ୍ରୀ ହେବାକୁ ଜିଦ ଧରି ବସିବାରୁ ହାଇକମାଣ୍ଡଙ୍କ ଚିନ୍ତା ବଢ଼ିଛି। ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନେତା ରାହୁଲ ଗାନ୍ଧିଙ୍କ ଯାଏ ସିଦ୍ଦରୈମୈୟା ଓ ଶିବକୁମାରଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଏଯାଏ ୧୦୦% ସଫଳତା ମିଳିନାହିଁ। ତେଣୁ କର୍ଣ୍ଣାଟକାରେ କିଏ ମୁଖ୍ୟମନ୍ତ୍ରୀ ହେବେ, ସେକଥା ଘୋଷଣା ହୋଇପାରୁନି। ଆଜି ଶିବକୁମାର ଓ ସିଦ୍ଦରମୈୟା ବରିଷ୍ଠ ନେତା ରାହୁଲ ଗାନ୍ଧିଙ୍କୁ ଭେଟିଥିଲେ। ଏହି ସମୟରେ ଉଭୟ ମୁଖ୍ୟମନ୍ତ୍ରୀ ହେବାକୁ ଇଚ୍ଛା ରଖିଥିବା ରାହୁଲଙ୍କୁ ଜଣାଇଥିଲେ। ଏହି ବୈଠକ ପରେ ଶିବକୁମାର ପୁଣିଥରେ ଖଡଗେଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ପୂର୍ବରୁ କ୍ଷମତା ଭାଗବଣ୍ଟା ଫର୍ମୁଲାକୁ ଗ୍ରହଣ କରୁ ନଥିବା ଶିବକୁମାର ଏବେ ଏଥିରେ ରାଜି ହୋଇଛନ୍ତି।

▶▶ପୃଷ୍ଠା ୭

## ପହଂଚିଲେ ରାଜ୍ୟପାଳ: ୧୯ ସକାଳେ ଫେରିଯିବେ

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଆଜି ରାତି ୮ଟାରେ ଭୁବନେଶ୍ୱରରେ ପହଂଚିଛନ୍ତି । ଆସନ୍ତାକାଲି ସେ ପୁରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭର୍ଚୁଆଲ ଉଦଘାଟନୀ କାର୍ଯ୍ୟକ୍ରମରେ ସାମିଲ ହୋଇ ୧୯ତାରିଖ ସକାଳେ ହରିୟାଣା ଫେରିଯିବାର କାର୍ଯ୍ୟକ୍ରମ ରହିଛି । ତେବେ ତାଙ୍କର ଏହି ଦିନିକିଆ ରହଣୀ ମଧ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ସୂଚିତ କରାଯାଇନଥିବା କିମ୍ବା ସେଭଳି କୌଣସି କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇନଥିବା ରାଜଭବନ ସୂତ୍ରରୁ ଜଣାପଡ଼ିଛି । ରାଜଭବନ ସୂତ୍ର ଅନୁସାରେ, ଆସନ୍ତାକାଲି ପୁରୀ-ହାୱଡା ବନ୍ଦେ ଭାରତ ଏକ୍ସପ୍ରେସ୍ ଲୋକାର୍ପଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡରେ ସାମିଲ ହୋଇ ଏହାର ଲୋକାର୍ପଣ ସହ ପ୍ରାୟ ୮ହଜାର କୋଟି ଟଙ୍କାର ରେଳପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ଥିବାରୁ ସେଥିରେ ସାମିଲ ହେବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଆଜି ରାତି ୮ଟାରେ ଭୁବନେଶ୍ୱରରେ ପହଂଚିଛନ୍ତି । ଆସନ୍ତାକାଲି ସେ ପୁରୀ ଗସ୍ତରେ ଯାଇ

▶▶ପୃଷ୍ଠା ୭

### ଲାଂଚ ନେବା ବେଳେ ସିଡିପିଓ ଓ ବରିଷ୍ଠ କିରାଣି ଗିରଫ

ଜୟପୁର, ୧୭/୦୫ (ନି.ପ୍ର): ଅଙ୍ଗନବାଡୀ କର୍ମି ନିଯୁକ୍ତି ଦେବା ପାଇଁ ୪୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ଚଢାଉ କରିଛି । ଚଢାଉ କର ବନ୍ଧୁଗାଁ ସିଡିପିଓ ନମିତା ରାଣି ପଲ ଓ ବରିଷ୍ଠ କିରାଣି ଅଶ୍ୱନୀ କୁମାର ପ୍ରଧାନକୁ ଗିରଫ କରିଛି । ଜୟପୁର ଭିଜିଲାନ୍ସ ବିଭାଗ ସୂଚନା ଅନୁଯାଇ ମିନତି କୁଲେସିକା ଆଙ୍ଗନବାଡୀ ପଦବୀ ପାଇ ପରୀକ୍ଷା ଦେଇଥିଲେ । ନିଯୁକ୍ତି ପତ୍ର ପାଇ ବନ୍ଧୁ ଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସିଡିପିଓ ନମିତା ରାଣି ପଲ ଙ୍କ ନିଦ୍ଦେଶ କ୍ରମେ କିରାଣି ଅଶ୍ୱନୀ ପ୍ରଧାନ ୧ ଲକ୍ଷ ୪୦ ହଜାର ଟଙ୍କା ଦାବି କରିଥିଲେ । ଆଗରୁ ୧ ଲକ୍ଷ ଟଙ୍କା ନେଇଥିବା ବେଳେ ଆଜି ମିନତି ଙ୍କ ବାପା ରାଉତ କୁଲେସିକା ଠାରୁ ୪୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ପରେ ସିଡିପିଓ ଙ୍କ ନନ୍ଦପୁର ସ୍ଥିତ ଘର ଉପରେ ଭିଜିଲାନ୍ସ ବିଭାଗ ଚଢାଉ କରିଛି । କିରାଣିଙ୍କ ସରକାରୀ କ୍ୱାଟର ମଧ୍ୟ ଚଢାଉ କରାଯାଇଛି । ଭିଜିଲାନ୍ସ ଡିଏସପି ସୁଶାନ୍ତ କୁମାର ବିଶ୍ୱାଳ ଙ୍କ ନେତୃତ୍ୱରେ ଚଢାଉ କରିଥିଲା ।

## ବେଙ୍ଗାଲୁରୁ-ଭୁବନେଶ୍ୱର ଘରୋଇ ବିମାନରେ ଯାନ୍ତ୍ରିକ ତ୍ରୁଟି

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ବେଙ୍ଗାଲୁରୁରୁ ଭୁବନେଶ୍ୱର ଆସୁଥିବା ଏକ ଘରୋଇ ବିମାନରେ ରବିବାର ଯାନ୍ତ୍ରିକ ତ୍ରୁଟି ଦେଖାଯାଇଛି। ଏହି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବେଙ୍ଗାଲୁରୁ ବିମାନବନ୍ଦରରୁ ବିମାନ (ଇଣ୍ଡିଗୋ)ଟି ଟେକ୍ ଅଫ୍ ନେଇପାରି ନାହିଁ। ବିମାନ ବନ୍ଦରରେ ବିମାନଟି ଅଟକି ରହିଛି। ଫଳରେ ଭୁବନେଶ୍ୱର ଆସୁଥିବାକୁ ଥିବା ଶତାଧିକ ଓଡ଼ିଆ ଯାତ୍ରୀମାନଙ୍କୁ ଅସୁବିଧାର ସାମ୍ନା କରିବାକୁ ପଡ଼ିଛି। ସୂଚନା ଅନୁସାରେ ବାଙ୍ଗାଲୁରୁ-ଭୁବନେଶ୍ୱର ବିମାନ 'ଇଣ୍ଡିଗୋ' ଆଜି ସନ୍ଧ୍ୟା ୬ଟା ୪୦ ମିନିଟରେ ଉଡ଼ିବାର ଥିଲା। ମାତ୍ର ବିମାନଟି ଟେକ୍ ଅଫ୍ ନେଇପାରି ନଥିଲା। ଉଡ଼ିବା ପୂର୍ବରୁ ବିମାନଟି ଅଟକି ଯାଇଥିଲା। ଶେଷରେ କଂପାନି କର୍ତ୍ତୃପକ୍ଷ ସମସ୍ତ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦେଇଥିଲେ ଏବଂ ବିମାନକୁ ବାତିଲ କରିଥିଲେ। ଇଣ୍ଡିଗୋ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ବିମାନବନ୍ଦର ଯିବାକୁ ପରାମର୍ଶ ଦେଇଥିଲେ। ଇଣ୍ଡିଗୋର ଜଣେ ପାଇଲଟ କହିଛନ୍ତି, ଟେକ୍ ଅଫ୍ ସମୟରେ ବିମାନ(୬ଇ୪୧୧)ରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଥିଲା।

▶▶ପୃଷ୍ଠା ୭

## ଇମ୍ରାନ ଖାଁଙ୍କ ଲାହୋର ଘରେ ଲୁଚିଛନ୍ତି ୪୦ ଆତଙ୍କବାଦୀ : ଘରକୁ ଘେରିଲେ ପୁଲିସ୍

ଲାହୋର ,୧୬/୦୫ : ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ଲାହୋରରେ ଥିବା ଜମାନ ପାର୍କ ଘରେ ୩୦ରୁ ୪୦ ଆତଙ୍କବାଦୀ ରହିଛନ୍ତି ଓ ଇମ୍ରାନ ସେମାନଙ୍କୁ ଆଶ୍ରୟ ଦେଇଛନ୍ତି ପାକିସ୍ତାନ ସରକାର ଦାବି କରିଛନ୍ତି। ସେମାନଙ୍କୁ ପୁଲିସ ହାତରେ ଦେବାକୁ ଇମ୍ରାନଙ୍କୁ ୨୪ ଘଣ୍ଟା ସମୟ ଦିଆଯାଇଛି । ଇମ୍ରାନଙ୍କ ଘରେ ଆତଙ୍କବାଦୀ ଲୁଚିଥିବା ଗୁଇନ୍ଦା ରିପୋର୍ଟ ମିଳିଥିବା ପାକିସ୍ତାନର ପଞ୍ଜାବର ସରକାର ଦାବି କରିଛନ୍ତି । ଏହା ପରେ ପୁଲିସ ଇମ୍ରାନଙ୍କ ଘରକୁ ଘେରିଯାଇଛି ଓ ସଂପୃକ୍ତ ଅଂଚ ?ଳକୁ ସିଲ୍ କରିଦିଆଯାଇଛି । ତେବେ କେତେକ ରିପୋର୍ଟ ଅନୁସାରେ ଇମ୍ରାନଙ୍କ ଦଳ ପାକିସ୍ତାନ ତେହରିକ-ଏ-ଇନସାଫ (ପିଟିଆଇ)ର କର୍ମୀମାନଙ୍କୁ ପାକିସ୍ତାନ ସରକାର ଆତଙ୍କବାଦୀ ବୋଲି କହୁଛନ୍ତି ।



▶▶ପୃଷ୍ଠା ୭

## ଘରଧରାଠାରେ ପ୍ରଧାନମନ୍ତ୍ରୀ ସଡ଼କ ଶୋଚନୀୟ

ନୂଆପଡ଼ା, ୧୭/୦୫ (ନି.ପ୍ର): ଖଡ଼ିଆଳଠାରୁ ରାୟପୁର ଯାଇଥିବା ଜାତୀୟ ରାଜପଥ ୨୧୭ ସାନ ମହେଶ୍ୱର ଗ୍ରାମ ଠାରୁ ତିଖାଲିପଡ଼ା ପର୍ଯ୍ୟନ୍ତ ନିର୍ମିତ ପ୍ରଧାନମନ୍ତ୍ରୀ ସଡ଼କ ରଜାମୁଣ୍ଡା ଠାରେ କାମ ହୋଇ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ପାଖରେ ଖାଲ ଖମାଲ ସୃଷ୍ଟି ହୋଇ ପାଣି କାଦୁଅ ଜମା ହୋଇଛି । ଡ୍ରେନେଜ ବ୍ୟବସ୍ଥା ନଥିବାରୁ ପାଣି ନିଷ୍କାସନ ହୋଇପାରୁନି । ଫଳରେ ଲୋକେ ନାହିଁ ନଥିବାର ଅସୁବିଧା ଭୋଗ କରୁଛନ୍ତି । ଏହି ରାସ୍ତା ଉପରେ ସାନ ମହେଶ୍ୱର ସମେତ ବରଗାଁ, ନାଗପଡ଼ା ଆଦି ପଂଚାୟତର ୩୦ ଖଣ୍ଡ ଗ୍ରାମବାସୀ ନିର୍ଭର କରିଥାନ୍ତି । ଏହି ରାସ୍ତା ଦେଇ ଖଡ଼ିଆଳ, ନୂଆପଡ଼ା ଓ ଅନ୍ୟାନ୍ୟ ସହରକୁ ବିଭିନ୍ନ କାମ ପାଇଁ ଯିବାକୁ ପଡ଼ିଥାଏ, ଛାତ୍ରଛାତ୍ରୀ ପଢିବା ପାଇଁ ଯାଇଥାନ୍ତି କିନ୍ତୁ ସରକାର କୌଣସି ଦୃଷ୍ଟି ଦେଉନାହାନ୍ତି । ଅତିଶୀଘ୍ର ରାସ୍ତା ମରାମତି ନହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଲୋକେ ଚେତାବନୀ ଦେଇଛନ୍ତି । ରାସ୍ତା ମରାମତି ସମୟରେ ଲଗା ଯାଇଥିବା ନାମ ଫଳକ ଅନୁସାରେ ୪.୯୧୯ କିଲୋମିଟର କାମ କରାଯାଇଛି । କିନ୍ତୁ ଖର୍ଚ୍ଚ ବିବରଣୀ ଉଲ୍ଲେଖ ନଥିବାରୁ କେତେ ବ୍ୟୟ ବରାଦ ହୋଇଥିଲା ଜଣାପଡୁନି । ଏନେଇ ଅଧିକ୍ଷଣ ଯନ୍ତ୍ରୀ ଅର୍ଜୁନ ଚରଣ ମୁଣ୍ଡାଙ୍କୁ ପଚାରିବାରୁ ସେ ଏନେଇ ଅବଗତ ଥିବା କହିବା ସହ ଶୀଘ୍ର ରାସ୍ତା ମରାମତିର ବ୍ୟବସ୍ଥା କରିବେ ବୋଲି କହିଛନ୍ତି । ଖାଲି ଏହି ରାସ୍ତା ନୁହଁ ଖଡ଼ିଆଳ ବ୍ଲକର ଅନେକ ପ୍ରଧାନମନ୍ତ୍ରୀ ସଡ଼କର ଅବସ୍ଥା ଏପରି । ଠିକାଦାରମାନେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ହୋଇଥିବାରୁ ବିଭାଗୀୟ କର୍ମକର୍ତ୍ତା ସେମାନଙ୍କୁ ନିର୍ଦ୍ଦେଶ ଦେବାକୁ ସାହସ କରିପାରୁ ନଥିବା ଜଣାପଡୁଛି ।

## କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

### ସମୟ ମୁତାବକ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ



ବାରିପଦା, ୧୭/୦୫ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ମୟୁରଭଞ୍ଜ ଲୋକସଭା ସାଂସଦ ବିଶେଶ୍ୱର ଟୁଡୁ ଜିଲ୍ଲାରେ କାର୍ଯ୍ୟକାରି ହେଉଥିବା କେନ୍ଦ୍ରୀୟ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏଥିରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଜଳସେଚନ, ସୁବର୍ଣ୍ଣରେଖା ବୃହତ ଜଳସେଚନ ପ୍ରକଳ୍ପ, ପର୍ଯ୍ୟଟନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ମେଗା ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପୂର୍ତ୍ତ, ସଂସ୍କୃତି, ହସ୍ତଶିଳ୍ପ, ଆଦିବାସୀ ଉନ୍ନୟନ ସମ୍ବନ୍ଧୀୟ କେନ୍ଦ୍ରୀୟ ପ୍ରକଳ୍ପ ଗୁଡିକର ଅଗ୍ରଗତି ବିଷୟରେ ସମୀକ୍ଷା ମୂଳକ ଆଲୋଚନା କରିଥିଲେ । ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ରୀୟ ସହାୟତାରେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ଉନ୍ନୟନ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଗୁଡିକୁ ସମୟ ମୁତାବକ ସାରିବା ଏବଂ ଜମି ଅଧିଗ୍ରହଣ ଅଧିକାଂଶ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ପ୍ରତିବନ୍ଧକ ହେଉଥିବାରୁ ଏଦିଗରେ ଆବଶ୍ୟକ ପଦକ୍ଷେପ ନେଇ ଏହି ସମସ୍ୟାକୁ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ତଥା ଜିଲ୍ଲା ପ୍ରଶାସନକୁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିପରି ନୂତନ ପ୍ରକଳ୍ପର ପ୍ରସ୍ତାବ ଅନୁମୋଦନ ନିମନ୍ତେ କେନ୍ଦ୍ରକୁ ପ୍ରେରଣ କରିବା ପୂର୍ବରୁ ଏଥି ନିମନ୍ତେ ଆନୁସଙ୍ଗିକ ସର୍ବେକ୍ଷଣ କରି ପଠାଇବା ପାଇଁ ପରାମର୍ଶ ଦେଇଥିଲେ । ଭାରତ ସରକାରଙ୍କ ବିକାଶ ଧାରାରେ ଜିଲ୍ଲାର ଆଦିବାସୀ ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ବିକାଶ ପାଇଁ ଉଦିଷ୍ଟ ଜନ କଲ୍ୟାଣ କାର୍ଯ୍ୟକ୍ରମ ତଥା ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ସକାରାତ୍ମକ ମନୋଭାବ ନେଇ କେନ୍ଦ୍ରୀୟ ପ୍ରକଳ୍ପ କାର୍ଯ୍ୟ ଗୁଡିକ ତାରାନ୍ୱିତ କରିବା ପାଇଁ ସମସ୍ତ ଅଧିକାରୀ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ । ଉକ୍ତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି ଓ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୌଲତ ଚନ୍ଦ୍ରକାର ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗର ତଥ୍ୟ ଉପସ୍ଥାପନ କରିବା ସହ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥଲେ ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

କେନ୍ଦ୍ରାପଡ଼ା, ୧୭/୦୫ (ନି.ପ୍ର): ରାସ୍ତା ଦୁର୍ଘଟଣା ହ୍ରାସ ସହ ଶୁନ୍ୟ ମୃତ୍ୟୁହାର ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରୁଛନ୍ତି । ଏହି ଉପଲକ୍ଷେ ଆଜି ଉପଲକ୍ଷେ ପୂର୍ବାହ୍ନ ୧୧ଟା ସମୟରେ ପ୍ରଦକ୍ଷଣ ଭବନ କକ୍ଷରେ ରାସ୍ତା ଓ କୋଠା ବାଡି ଓ ଆଂଚଳିକ ପରିବହନ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ଅଧକ୍ଷତା କରିଥିଲେ । ଉକ୍ତ ବୈଠକରେ ଜାତୀୟ ରାଜପଥ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ଓ ଆର.ଇ ପିଡିଏସ ବାବନ ସେଠୀ, ରାସ୍ତା ଓ କୋଠାବାଡି ଅଧିକ୍ଷଣ ଯନ୍ତ୍ରୀ ସରୋଜ ନାୟକ, ଆ ଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକ, ଡିଏସପି ବିରଂଚି ନାରାୟଣ ଜଗତି, ଅତିରିକତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ସଚ୍ଚିଦା ନନ୍ଦ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂହ ପ୍ରମୁଖ ଯୋଗ ଦେଇଥିଲେ । ଜାତୀୟ ରାଜପଥ ଅଥରିଟି ପକ୍ଷରୁ ଦିଆଯାଇଥିବା ପଦକ୍ଷେପ ଓ ଟ୍ରୋଲ ଫ୍ରି ନମ୍ବର ବିଶୟରେ ବୈଠକକୁ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ଅବଗତ କରାଇଥିଲେ । ରାସ୍ତା ଦୁର୍ଘଟଣାକୁ କମାଇବା ନିମନ୍ତେ ଜନ ସଚେତନତାର ଆବଶ୍ୟକ ଅଛି ବୋଲି ସେ କହିଥିଲେ । ରାସ୍ତା ନିର୍ମାଣର ମାନ ଉନ୍ନତ ହେଲେ ଦୁର୍ଘଟଣାକୁ କମାଇହେବ ବୋଲି ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ । ରାଜ୍ୟ ସରକାରଙ୍କ ପରିବହନ ବିଭାଗ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ଦିର୍ଘଟଣା ପିଡିତଙ୍କୁ ଡାକ୍ତରଖାନା ନେବା ଓ ସେଠାରେ ସ୍ୱାସ୍ଥ୍ୟ ସେବା ଯୋଗଇବାରେ ସାହାଯ୍ୟ କରିଥିବା ଲୋକଙ୍କୁ ଭଲ ସାହାଯ୍ୟକାର୍ଯ୍ୟ ପୁରସ୍କାର ଆକାରରେ ୨ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥାଏ । ଆଜି କୁଇଦାସପୁର ଦୁହୁରିଆର ନରେନ୍ଦ୍ର ମଲ୍ଲିକଙ୍କୁ ୨ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ଆଂଚଳିକ ପରିବହନ ଅଧିକାରୀଙ୍କ ସୂଚନା ଅନୁଯାଇ ଜଣାପଡିଛି ଯେ ୨୦୨୧-୨୩ ମସିହା ମଧ୍ୟରେ ୧୪ଜଣଙ୍କୁ ଭଲ ସାହାଯ୍ୟକାର୍ଯ୍ୟ ପୁରସ୍କାର କରାଯାଇଥିଲା । ଆଜିର ପୁରସ୍କୃତ ହୋଇଥିବା ଶ୍ରୀ ମଲ୍ଲିକଙ୍କୁ ମିଶାଇ ଏହିସଂଖ୍ୟା ୧୫ରେ ପହଂଚିଲା ବୋଲି ଅଧିକାରୀ ଶ୍ରୀ ନାୟକ କହିଥିଲେ । ବେଶି ଦୁର୍ଘଟଣା ଘଟୁଥିବା ନିକଟବର୍ତ୍ତି ସ୍ଥାନଗୁଡିକର ପାଖାପାଖି ୨୯୦ଜଣଙ୍କୁ ରକ୍ଷକ ଟ୍ରେନିଂ ଯୋଜନାରେ ସାମିଲ କରାଯାଇଛି ବୋଲି ସେ ମଧ ସୁଚନା ଦେଇଥିଲେ । ସୋଲାସିୟମ ସ୍କିମ ମାଧମରେ ଅଜଣା ଗାଡି ଦୁର୍ଘଟଣା ପ୍ରାଣହରାଇଥିବା ୧୧ଜଣ ବ୍ୟକ୍ତିଙ୍କୁ ଏସ.ଟି.ଏ କଟକ ମାଧମରେ ୨ଲକ୍ଷ ଟଙ୍କା ଲେଖାଁଏ କ୍ଷତି ପୁରଣ ଅର୍ଥରାଶି ପ୍ରଦାନ କରାଯାଇଛି । ଆ ଳିକ ପରିବହନ ଅଧିକାରୀଙ୍କ ତଥ୍ୟ ଅନୁଯାଇ ଜଣାଯାଏ ଯେ ୨୦୨୨ମସିହାରେ ଘଟିଥିବା ୯୫ଟି ରାସ୍ତା ଦୁର୍ଘଟଣାରେ ୧୦୪ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୩ ଏପ୍ରିଲ ମାସ ସୁଧା ୪୯ଟି ରାସ୍ତା ଦୁର୍ଘଟଣାରେ ୫୦ଜଣଙ୍କ ମୃତ୍ୟୁ ଘଟିଛି । ଏହାକୁ କମାଇବା ପାଇଁ ପରିବହନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବିଶୟରେ ଆଲୋଚନା କରାଯାଇଥିଲା ।

## ବିଏସ୍‌କେୱାଇରେ ୬୮୧ ଘରୋଇ ହସ୍ପିଟାଲ ସାମିଲ




ଭୁବନେଶ୍ୱର, ୧୭/୦୫ (ନି.ପ୍ର): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ହସ୍ପିଟାଲ ସଂଖ୍ୟାରେ ବୃଦ୍ଧି ହୋଇଛି । ବର୍ତ୍ତମାନସୁଦ୍ଧା ୬୮୧ ଟି ଘରୋଇ ସୁପର ସ୍ପେସାଲିଟି ହସ୍ପିଟାଲ ବିଏସ୍‌କେୱାଇ ଯୋଜନାରେ ସାମିଲ ହୋଇଛନ୍ତି । ଏଥିରେ ୫୫୫ଟି ହସ୍ପିଟାଲ ଓଡ଼ିଶାରେ ଓ ରାଜ୍ୟ ବାହାରର ୧୨୬ଟି ହସ୍ପିଟାଲ ରହିଛନ୍ତି । ଦେଶର ୧୫ଟି ରାଜ୍ୟ ସମେତ ଶ୍ରୀ ଶଙ୍କର କ୍ୟାନସର୍ ପ୍ରତିଷ୍ଠାନ, ଟାଟା ମେଡିକାଲ ସେଣ୍ଟର୍, ଟାଟା ମେମୋରିଆଲ୍ ହସ୍ପିଟାଲ ଗ୍ରୁପ୍, ଫୋର୍ଟିସ୍ ହେଲଥ୍ କେୟାର ଗ୍ରୁପ୍, ଖ୍ରୀଷ୍ଟିୟାନ୍ ମେଡିକାଲ କଲେଜ ଓ ନାରାୟଣ ହୃଦୟାଳୟ ପରି ବିଶ୍ୱସ୍ତରୀୟ ହସ୍ପିଟାଲମାନେ ମଧ ବିଏସ୍‌କେୱାଇରେ ସାମିଲ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

ଓଡ଼ିଶା ବାଦ୍ ଆସାମ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଦିଲ୍ଲୀ, ଗୁଜରାଟ, ପଞ୍ଜାବ, ତାମିଲନାଡୁ, ହରିୟାଣା, ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ, ତେଲେଙ୍ଗାନା ଓ ଉତ୍ତରାଖଣ୍ଡର ଏକାଧିକ ସୁପର ସ୍ପେଶାଲିଟି ହସ୍ପିଟାଲକୁ ସାମିଲ କରାଯାଇଛି । ରୋଗୀମାନଙ୍କୁ ସହାୟତା ପାଇଁ ତାଲିକାଭୁକ୍ତ ହସ୍ପିଟାଲ ସ୍ତରରେ ୬୬୮ ଛାମୁଆ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୬୧୪ ଜଣ ସ୍ୱାସ୍ଥ୍ୟ ମିତ୍ର ଓ ୬୫ ଜଣ ଜିଲ୍ଲା ସଂଯୋଜକ ଭାବେ କାର୍ଯ୍ୟରତ । ଏହାବାଦ୍ ହସ୍ପିଟାଲରେ ନିରବଛିନ୍ନ ରୋଗୀ ସେବା ପାଇଁ ୧୧୬ ଜଣ ଅଭିଜ୍ଞ ଓ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ କାର୍ଯ୍ୟରତ ଅଛନ୍ତି । ସମୁଦାୟ ବ୍ୟବସ୍ଥାକୁ ଏକ ଅତ୍ୟାଧୁନିକ ଅନଲାଇନ ୱେବ୍ ପୋର୍ଟାଲ୍ ମାଧ୍ୟମରେ ପ୍ରକୃତ ସମୟ (ରିୟଲ୍ ଟାଇମ୍) ଭିତ୍ତିରେ ତଦାରଖ ଓ ପରିଚାଳନା କରାଯାଉଛି । ତାଲିକାଭୁକ୍ତ ହସ୍ପିଟାଲମାନଙ୍କର ସୂଚନା www.bsky.gov.in ରେ ମିଳିପାରିବ । ବାହାର ରାଜ୍ୟରେ ରହୁଥିବା ବିଏସ୍‌କେୱାଇ କାର୍ଡଧାରୀ ଏହି ୱେବସାଇଟ୍‌ରେ ତାଲିକାଭୁକ୍ତ ହସ୍ପିଟାଲର ନାମ ଦେଖିବା ସହ ଚିକିତ୍ସା ପାଇଁ ଯିବାକୁ ପରାମର୍ଶ ଦିଆଯାଇଛି ।

ବିଏସ୍‌କେୱାଇର ଅଗ୍ରଗତି ସଂପର୍କରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା.ବୃନ୍ଦା ଡି. ଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଦାୟିତ୍ୱ ଦିଆଯାଇଥିବା କର୍ମଚାରୀଙ୍କୁ ହସ୍ପିଟାଲର ବିଭିନ୍ନ ବିଭାଗ, ନିଦାନ କେନ୍ଦ୍ର, ୱାର୍ଡ, ଆଇସିୟୁ, ରୋଗୀ ଓ ସହାୟକମାନଙ୍କ ପାଇଁ ଥିବା ସୁବିଧା କେନ୍ଦ୍ର, ଆନୁସଙ୍ଗିକ ସେବା ସୁବିଧା ଆଦି ବିଷୟରେ ସଂପୂର୍ଣ୍ଣ ଅବଗତ ରହିବାକୁ ହେବ । ଲୋକମାନଙ୍କୁ ନିର୍ଭରଯୋଗ୍ୟ ସୂଚନା ଦେବା ସହ ବିଏସ୍‌କେୱାଇ କାର୍ଡଧାରୀ ରୋଗୀମାନଙ୍କର ପଞ୍ଜୀକରଣ, ଆଡମିସନ, ନିଦାନ ପରୀକ୍ଷା ନିରୀକ୍ଷା ଓ ଚିକିତ୍ସା ପରେ ହସ୍ପିଟାଲରୁ ଡିସଚାର୍ଜ ଆଦି କାମରେ ସିଧାସଳଖ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷକରି ଗ୍ରାମାଞ୍ଚଳରୁ ଆସିଥିବା ମହିଳା, ବୃଦ୍ଧ, ଦିବ୍ୟାଙ୍ଗ ଓ ନିଃସହାୟ ବ୍ୟକ୍ତିମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ କୁହାଯାଇଛି । ନୋଡାଲ ଅଧିକାରୀମାନେ ନିୟମିତଭାବେ ତାଲିକାଭୁକ୍ତ ହସ୍ପିଟାଲମାନଙ୍କ ସହ ହ୍ୱାଟସଆପ୍ ଗ୍ରୁପ୍ ଓ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସଂଯୋଜିତ ରହି ବିଏସ୍‌କେୱାଇର ପ୍ରକ୍ରିୟାଗତ ବୈଷୟିକ ବିଷୟର ଆଶୁ ସମାଧାନ ପାଇଁ ପରାମର୍ଶ ଦିଆଯାଇଛି ।

## ଆଦର୍ଶ ଗୁହାଳ ନିର୍ମାଣ କାର୍ଯ୍ୟ ଶେଷ: ସମ୍ପୂର୍ଣ୍ଣ ପାଉଣା ପାଇବାରୁ ବଂଚିତ ହିତାଧିକାରୀ

ବଲାଙ୍ଗିର, ୧୭/୦୫ (ନି.ପ୍ର): ଗାଇ ଗୋରୁ ଛେଳି ମେଣ୍ଢା ରଖିଥିବା ବ୍ୟକ୍ତିଙ୍କ ପାଇଁ ସରକାର ମନରେଗା ଯୋଜନାରେ ଆଦର୍ଶ ଗୁହାଳ ନିର୍ମାଣ କରିବାକୁ ଷାଠିଏ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦେଉଥିବା ବେଳେ ବ୍ଲକ ଓ ପଂଚାୟତ ଅଧିକାରୀ ମାନେ ହିତାଧିକାରୀ ମାନଙ୍କ ଠାରୁ ପାଂଚରୁ ଦଶ ହଜାର ଟଙ୍କା ଲାଂଚ ନେଉଥିବା ଶୁଣିବାକୁ ମିଳୁଛି । କିନ୍ତୁ, ଆଦର୍ଶ ଗୁହାଳ ନିର୍ମାଣ କରୁଥିବା ବ୍ୟକ୍ତିଙ୍କ ଠାରୁ ଅଧା ଟଙ୍କା ଗ୍ରାମ ରୋଜଗାର ସେବକମାନେ ହଡ଼ପ କରୁଥିବା ମଧ ଅଭିଯୋଗ ଆସୁଛି । ସୂଚନା ଅନୁସାରେ, ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଚଣାବାହାଲ ପଂଚାୟତ କୁମ୍ଭାରୀ ଗାଁ ର ଘନଶ୍ୟାମ ମହାକୁର ପିତା, ହରିବନ୍ଧୁ ମହାକୁର । ମୁରିବାହାଲ ବ୍ଲକ ଠାରୁ ୨୨/୦୪/୨୧ ତାରିଖରେ ଗାଇ ଗୁହାଳ ନିର୍ମାଣ ପାଇଁ ଆଦେଶ ପାଇଥିଲେ । ସିଧାସଳଖ ତାଙ୍କ ନାଁ ରେ ୬୬ ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ଆଦେଶନାମାରେ ଦର୍ଶାଯାଇଛି । ନିୟମ ମୁତାବକ, ସେ ଗାଇ ଗୁହାଳ ନିର୍ମାଣ କାର୍ଯ୍ୟ ଶେଷ କରିଥିବା ବେଳେ ତାଙ୍କୁ ମାତ୍ର ତିରିଶି ହଜାର ଟଙ୍କା ପ୍ରଦାନ କରାଯାଇଥିବା ସେ କହିଛନ୍ତି ଓ ଆହୁରି ଛଅଷଠି ହଜାର ଟଙ୍କା ତାଙ୍କୁ ମିଳିନଥିବାରୁ ସେ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଦୁଇ ବର୍ଷ ପରେ ସେ ପାଉଣା ନପାଇବା ଯୋଗୁଁ ବାରମ୍ବାର ପଂଚାୟତ ଓ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ହଇରାଣ ହେଉଛନ୍ତି । ପ୍ରକୃତରେ କିଏ ତାଙ୍କ ବକେୟା ଟଙ୍କା ହଡ଼ପ କରିଛି ସେଥି ପ୍ରତି ବଲାଙ୍ଗିର ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରି ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ହେବ ଆନ୍ଦୋଳନ

କେନ୍ଦ୍ରାପଡ଼ା, ୧୭/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ ଗରଦପୁର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରମିକ ନେତା ନିତ୍ୟାନନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ପ୍ରତିଷ୍ଠାତା ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସଂପୂର୍ଣ୍ଣ ଅଚଳ ହୋଇ ଯାଇଥିବା ପ୍ରକାଶ କରିଥିଲେ । ୨୦୧୯ ମସିହାରୁ ମହିଳା ନିର୍ମାଣ ଶ୍ରମିକ ମାନଙ୍କ ଦରଖାସ୍ତ ଫୋପାଡି ଦିଆଯିବା ସହ ପରିଚୟ ପତ୍ର ପ୍ରଦାନ କରାଯାଉ ନାହିଁ । ଦୀର୍ଘ ବର୍ଷ ଧରି ଶ୍ରମିକ ମାନଙ୍କ ଝିଅ ବାହାଘର ଅନୁଦାନ, ପିଲା ମାନଙ୍କର ପାଠପଢା ଖର୍ଚ୍ଚ, କୋଭିଡ ସହାୟତା, ସାଇକେଲ ଅନୁଦାନ, କୃଷି ସହାୟତା, ଯନ୍ତ୍ରପାତି ସହାୟତା, ମୃତ୍ୟୁକାଳୀନ ସହାୟତା, ରୋଗର ଚିକିତ୍ସା ସହାୟତା ଆଦି ପ୍ରଦାନ କରାଯାଉ ନାହିଁ । ଯାହା ଫଳରେ ନିର୍ମାଣ ଶ୍ରମିକ ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ସଂଘ ପକ୍ଷରୁ ଜିଲ୍ଲାପାଳ ଓ ଶ୍ରମ କାର୍ଯ୍ୟାଳୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଖୁବ ଶୀଘ୍ର ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ମନ୍ମଥ ପଣ୍ଡା, ସୀତାକାନ୍ତ ନାୟକ, ସୁକାନ୍ତ ବାରିକ, ଅଜୟ ସେଠୀ, ଶିବ ପ୍ରସାଦ ପରିଡା, ନିଳୟ ବେହେରା, ପ୍ରତାପ ବେହେରା, ମନୋରଞ୍ଜନ ବେହେରା ପ୍ରମୁଖ ବୈଠକରେ ସମର୍ଥନ କରି ନିଷ୍ପତି ନେଇଛନ୍ତି ।

## ଗାଁକୁ ଯାଇ ପାରିଲାନି ଆମ୍ବୁଲାନ୍ସ : ଖଟିଆରେ ବୁହା ହେଲେ ରୋଗୀ

ଚମ୍ପୁଆ, ୧୭/୦୫ (ନି.ପ୍ର): ଗାଁକୁ ରାସ୍ତା ନଥିବାରୁ ଯାଇ ପାରିଲାନି ଆମ୍ବୁଲାନ୍ସ । ଏକ କିଲୋମିଟର ଖଟିଆରେ ବୁହା ହେବା ପରେ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେଲେ , ଠିକ ସମୟରେ ଡାକ୍ତରଖାନା ପହଂଚାଇ ନପାରିବାରୁ ବିଳମ୍ବିତ ଚିକିତ୍ସା ହେତୁ ଆଖି ବୁଜିଦେଲେ ରୋଗୀ । ଏମିତି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ପରି ବିତଶାଳୀ ଜିଲ୍ଲାର ଖଣି ଖାଦାନ ଭରା ଚମ୍ପୁଆ ଉପଖଣ୍ଡସ୍ଥ ଚମ୍ପୁଆ ବ୍ଲକ ପଡୁଆ ପଂଚାୟତ ଅନ୍ତର୍ଗତ ନିଶାଗଡ଼ିଆ ଗ୍ରାମ ଜାମୁଦା ସାହିରେ । ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଂଚାୟତ ନିଶାଗଡ଼ିଆ ଗ୍ରାମର ଜାମୁଦା ସାହିର ଲାମ୍ବା ମୁଣ୍ଡାଙ୍କ ଦେହ ଗତ ରାତିରେ ଅସୁସ୍ଥ ହେବାରୁ ଡାକ୍ତରଖାନା ନେବା ପାଇଁ ଘର ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ଖବର ପାଇ ତୁରନ୍ତ ଗାଁ ମୁଣ୍ଡ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିଲା କିନ୍ତୁ ଗାଁ ମୁଣ୍ଡରୁ ଜାମୁଦା ସାହି ପର୍ଯ୍ୟନ୍ତ ଏକ କିଲୋମିଟର ରାସ୍ତା ନଥିବାରୁ ଘର ପର୍ଯ୍ୟନ୍ତ ଯାଇ ପାରିଲା ନାହିଁ ଆମ୍ବୁଲାନ୍ସ । ଫଳରେ ଆମ୍ବୁଲାନ୍ସ କର୍ମଚାରୀମାନେ ଘର ଲୋକଙ୍କ ସହାୟତାରେ ଲାମ୍ବା ମୁଣ୍ଡାଙ୍କୁ ଖଟିଆ ସାହାଯ୍ୟରେ ଏକ କିଲୋମିଟର ରାସ୍ତା ବୋହି ଆମ୍ବୁଲାନ୍ସ ପାଖରେ ପହଂଚାଇଥିଲେ । ଆମ୍ବୁଲାନ୍ସ ପାଖକୁ ନିଆଯିବା ପରେ ନିକଟସ୍ଥ ଭଣ୍ଡା ଡାକ୍ତରଖାନାକୁ ନିଆ ଯାଇଥିଲା । କିନ୍ତୁ ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ତେବେ ସରକାରଙ୍କ ବିଭିନ୍ନ ଯୋଜନାରେ ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ସ୍ୱାଧୀନତାର ୭୫ ବର୍ଷ ପରେବି କେନ୍ଦୁଝର ପରି ବିତଶାଳୀ ଜିଲ୍ଲାର ଖଣିଖାଦାନ ଭରା କୁବେରପୁରୀ କୁହାଯାଉଥିବା ଚମ୍ପୁଆ ଉପଖଣ୍ଡ ର ରତ୍ନ ଭଣ୍ଡାର ଉପରେ ଘର କରି କିଏ ପେଟ ଚାଖଣ୍ଡକ ପାଇଁ ରାତି ଦିନ ସଂଗ୍ରାମ କରୁଛି ତ କେଉଁଠି ରାସ୍ତା ଅଭାବରୁ ଆମ୍ବୁଲାନ୍ସ ପହଂଚି ନପାରି ରୋଗୀ ଖଟିଆରେ ବୁହା ହେବା କଥା କହିଲେ ଯେ କେହିବି ଅବିଶ୍ୱାସ କରିବେ ନିଶ୍ଚୟ । ଯେଉଁ ଉପଖଣ୍ଡର ରାଜସ୍ୱ ଉପରେ ସାରା ରାଜ୍ୟ ନିର୍ଭର କରୁଛି ସେହି ଉପଖଣ୍ଡରେ ଏପରି ଗାଁ ରହିଛି ଯେଉଁ ଗାଁକୁ ଆମ୍ବୁଲାନ୍ସ ଯାଇ ନପାରିବାରୁ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ରୋଗୀଙ୍କୁ ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ପାଖକୁ ନେବା ନିଶ୍ଚିତ ଭାବରେ ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେବେ ପଡୁଆ ପଂଚାୟତ କାର୍ଯ୍ୟାଳୟରେ ସାହି ବାସିନ୍ଦାଙ୍କ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବିହେବା ସତ୍ୱେ ସାହିକୁ ରାସ୍ତା ନିର୍ମାଣ କରା ନଯିବା ତଥା ଗତ ବର୍ଷ ମନରେଗା ଯୋଜନାରେ ଆରମ୍ଭ ହୋଇଥିବା ମାଟି ରାସ୍ତା କାମ ଅଧାରେ ପଡି ରହିଥିବା ଯୋଗୁଁ ଏହି ରାସ୍ତାରେ ଆମ୍ବୁଲାନ୍ସ ଯାଇନପାରିବାରୁ ଠିକ ସମୟରେ ଚିକିତ୍ସା ନପାଇ ରୋଗୀ ଆଖି ବୁଜି ଦେଇଥିବା ଗ୍ରାମବାସୀ ଅଭିଯୋଗ ଆଣିଥିବାବେଳେ ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖା ଦେଇଛି ।

## ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର ନାଟକ ରବୀନ୍ଦ୍ର ମଣ୍ଡପରେ ମଂଚସ୍ଥ

ନୂଆପଡ଼ା, ୧୭/୦୫ (ନି.ପ୍ର): ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର ନାଟକ 'ସହର ସେଦିନ ଅନ୍ଧାର ଥିଲା' ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱରରେ ସଫଳତାର ସହ ମଂଚସ୍ଥ ହୋଇଯାଇଛି । ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର କାନୁନଗୋଙ୍କ ରଚିତ ନାଟକକୁ ଅତି ଚମତ୍କାର ଭାବରେ ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ଜିତେନ୍ଦ୍ର ନାଥ ପଟ୍ଟନାୟକ ଓ ପବିତ୍ର ମୋହନ ପ୍ରଧାନ । କଳାକାର ମାନଙ୍କ ନିଖୁଣ ଅଭିନୟ ଦର୍ଶକମାନଙ୍କୁ ଦୀର୍ଘ ଅଢେଇ ଘଂଟା ବାନ୍ଧି ରଖି ମନ୍ତ୍ରମୁଗ୍ଧ କରିଥିଲା । ଅଭିନୟରେ ବିମୋହିତ ଦର୍ଶକଙ୍କ କରତାଳିରେ ରବୀନ୍ଦ୍ର ମଣ୍ଡପ ମୁଖରିତ ହୋଇ ଉଠିଥିଲା । ପ୍ରତ୍ୟେକ କଳାକାରର ସ୍ୱପ୍ନ ଥାଏ ଯେ ସେ ଦିନେ କଳାର କୋଣାର୍କ ରବୀନ୍ଦ୍ର ମଣ୍ଡପରେ ଅଭିନୟ କରୁ । ଏଭଳି ଏକ ସୁବର୍ଣ୍ଣ ସୁଯୋଗ ମିଳି ଥିବାରୁ କଳାକାର ମାନେ ନିଜକୁ ଧନ୍ୟ ମନେ କରିଛନ୍ତି । ଦୁଇଜଣ ନିର୍ଦ୍ଦେଶକଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ନାଟକକୁ ମାତ୍ର କୋଡିଏ ଦିନରେ ମଂଚସ୍ଥ କରିଥିବାରୁ ରବୀନ୍ଦ୍ର ମଣ୍ଡପ କମିଟି ତରଫରୁ ଭୁରି ଭୁରି ପ୍ରଶଂସା କରାଯାଇଥିଲା । ଖଡ଼ିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ, ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ଟୁନା ପଟ୍ଟନାୟକ, ଭବାନୀ ମହାପାତ୍ରଙ୍କ ସମେତ ଅନେକ ଦର୍ଶକ ଖଡ଼ିଆଳରୁ ରବୀନ୍ଦ୍ର ମଣ୍ଡପ ଯାଇ କଳାକାର ମାନଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ । ନାଟକରେ ବିଭିନ୍ନ ଭୂମିକାରେ ଯଥା ଅମରେନ୍ଦ୍ର ପ୍ରତାପ ଚୌଧୁରୀ, ଜିତେନ୍ଦ୍ର ନାଥ ପଟ୍ଟନାୟକ, ବିଭୂତି ଭୂଷଣ ବିଶି, ସୀମା ରାଉତ, ସୋମନାଥ ଜଗତ, ସରସ୍ୱତୀ ମହାପାତ୍ର, ଜାବେଦ ଖାନ, ଅମୁଲ୍ୟ ବାରିକ, ବିଶାଖା ହରିଜନ, ଧର୍ମବୀର ରାଉତ, ପିୟୁଷ ରଞ୍ଜନ ପଣ୍ଡା, ଗୋବିନ୍ଦ ପଣ୍ଡା, ବିଜୟ କୈବର୍ତ୍ତ ପ୍ରମୁଖ ଅଭିନୟ କରିଥିଲେ କ୍ଷ ସଂଗୀତ ନିର୍ଦ୍ଦେଶନା- ରେଣୁ ରଞ୍ଜନ ବାଗ ଓ ସହଯୋଗରେ ମୁରଲୀ ଧର ପଟେଲ, ଜଳନ୍ଧର ନିଆଲ, ଜିତେନ୍ଦ୍ର ମେହେର, କ୍ଷୀରସିନ୍ଧୁ ବାରିକ ଓ କଣ୍ଠଶିଳ୍ପୀ ଜ୍ୟୋତିକା ବିଶି ଥିଲେ । ପ୍ରକାଶ ଥାଉ କି ଏହି ନାଟକ 'ସହର ସେଦିନ ଅନ୍ଧାର ଥିଲା' ଆସନ୍ତା ମାସ ଜୁନ ୧୨ ତାରିଖ ସନ୍ଧ୍ୟାରେ ଖଡ଼ିଆଳ ଅଗ୍ରସେନ ଭବନରେ ପ୍ରଦର୍ଶିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

## ହାତୀ ଆତଙ୍କ: ହାତୀ ଘଉଡାଇବା ପାଇଁ ବନ ବିଭାଗ ନାକେଦମ

ଖୋର୍ଦ୍ଧା, ୧୭/୦୫ (ନି.ପ୍ର): ବୋଲଗଡ ବ୍ଲକ ଅନ୍ତର୍ଗତ ଧଳାପଥର ଓ ବେଗୁନିଆ ବ୍ଲକର ବଡ଼ବେରଣା ପଂଚାୟତ ଅନ୍ତର୍ଗତ ଗୋବିନ୍ଦପୁର-କୋଲୁହାପାଟଣା ମଧ୍ୟରେ ଥିବା ୬୫ ଏକରରୁ ଉର୍ଦ୍ଧ୍ୱ କାଜୁ ନିଗମର ଜଙ୍ଗଲ ଓ ଆଦିବାସୀ ମାନେ ଲିଜ ସୂତ୍ରରେ ରଖିଥିବା କାଜୁ ଜଙ୍ଗଲରେ ଦୁଇଟି ଜଙ୍ଗଲୀ ହାତୀ ସୋମବାର ଦିନ ପୂର୍ବାହ୍ନରେ ରହିଥିବାର ଖବର ପାଇ ବେଗୁନିଆ ବନଖଣ୍ଡ କାର୍ଯ୍ୟାଳୟର ବନପାଳ ପ୍ରିୟ ଦର୍ଶିନୀ ସେଠୀଙ୍କୁ ଖବର ଦେଇଥିଲେ । ଏଠାରେ କର୍ମଚାରୀ ଅଭାବ ହେତୁ ବନପାଳ ଶ୍ରୀ ସେଠୀ ଓ ପାରା ସ୍ୱାର୍ଡ ଦୁର୍ଗା ପ୍ରସାଦ ପଣ୍ଡା ପହଁଚି ଦୁଇଟି ହାତୀର ଗତିବିଧି ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ । ପରେ ଖୋର୍ଦ୍ଧା ଜିଲ୍ଲା ଡିଭିଜନ ରେଞ୍ଜର ଜୟକୃଷ୍ଣ ପଣ୍ଡା, ବୈଦେଶ୍ୱର ବନପାଳ ଗଦାଧର ବିଶ୍ୱାଳ, ବୋଲଗଡ ବନପାଳ ପ୍ରଦିପ ପଟ୍ଟନାୟକ, ପାରା ସ୍ୱାର୍ଡ ତାରେଶ୍ୱର ରାଉତରାୟଙ୍କ ସମେତ କର୍ମଚାରୀ ପହଁଚି ଦୁଇଟି ଯାକ ହାତୀର ଗତିବିଧିକୁ ଲକ୍ଷ୍ୟ କରି ଗୋବିନ୍ଦପୁର, କୋଲୁହାପାଟଣା, ଧଳା ପଥର, ଗେଡ଼ିଆପଲୀ, ଗୌଡ଼ ନୂଆଗାଁ, ମାଣିବନ୍ଧ ଓ ବଡପଦର ଲୋକମାନଙ୍କୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରିବା ସହ କଳାପଥର ସେକ୍ସନର ବିଦ୍ୟୁତ କାଟ କରାଯାଇଥିଲା । ବନ ବିଭାଗ ସୂଚନା ମୁତାବକ, ହାତୀ ଦୁଇଟି ରବିବାର ଦିନ ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟ ନିକଟସ୍ଥ ଯୋକଲାଞ୍ଜି ଠାରେ ରହିଥିଲେ । ହାତୀ ଦୁଇଟି ଥିବା ବେଳେ ରବିବାର ଦିନ ଗୋବିନ୍ଦପୁର-କୋଲୁହା ପାଟଣା କାଜୁ ଜଙ୍ଗଲରୁ ନୟାଗଡ଼ ବନାଂଚଳକୁ ହାତୀ ଘଉଡ଼ାଇବା ପାଇଁ ଖବର ଲେଖା ହେଲା ପର୍ଯ୍ୟନ୍ତ ବନ କର୍ମଚାରୀ ମାନେ ଅକ୍ଳାନ୍ତ ପରିଶ୍ରମ ଜାରି ରଖିଛନ୍ତି ।

## ଧ୍ୱଂସ ମୁଖରୁ ବର୍ତ୍ତିଲା ଆସ୍ଥା ଓ ବିଶ୍ୱାସର ପର୍ଯ୍ୟଟନ ସ୍ଥଳୀ 'ପାପକ୍ଷୟ'

ସୁବର୍ଣ୍ଣପୁର, ୧୭/୦୫ (ନି.ପ୍ର): ଆଜି ଭୋରରୁ ବିନିକାର ଐତିହାସିକ ପର୍ଯ୍ୟଟନସ୍ଥଳୀ ପାପକ୍ଷୟ ପରିସରର ବିଭିନ୍ନ ସ୍ଥାନରେ ଏବଂ ପରିସର ଭିତରେ ଥିବା ବହୁ ପୁରାତନ ବରଗଛ କୋରଡ ମାନଙ୍କରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳୁଥିବା ସାଧାରଣ ଲୋକେ ଦେଖିବାକୁ ପାଇଥିଲେ । ଖବର ପ୍ରଚାରିତ ହେବା ପରେ ପର୍ଯ୍ୟଟନ ସ୍ଥଳୀରେ ଲୋକଙ୍କ ନାହିଁନଥିବା ଭିଡ ଜମି ଥିଲା । ନିକଟ ପାପକ୍ଷୟ ଘାଟରୁ ଲୋକେ ପାଣି ସଂଗ୍ରହ କରି ଲିଭାଇବାକୁ ଚେଷ୍ଟା କରିଥିଲେ । ପରେ ଖବର ପାଇ ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ଅଗ୍ନିଶମ ବିଭାଗ କର୍ମଚାରୀ ପହଂଚି ନିଆଁକୁ ଆୟତ କରିବାରେ ସଫଳ ହୋଇଥିଲେ । ଫଳରେ ଅଂଚଳବାସୀଙ୍କ ଆସ୍ଥା, ବିଶ୍ୱାସ ଓ ଭାବାବେଗ ସହ ଜଡ଼ିତ ଏବଂ ପର୍ଯ୍ୟଟକଙ୍କ ପାଇଁ ଆକୃଷ୍ଟ ଏହି ଐତିହାସିକ ପୀଠ ଧ୍ୱଂସ ମୁଖରୁ ବର୍ତ୍ତି ଯାଇଛି । କେଉଁ ଦୁର୍ବୃତଙ୍କ ଦ୍ୱାରା ଏହି କାମ ହୋଇଛି ସ୍ଥାନୀୟ ପ୍ରଶାସନ ତା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି ।

G20
Azadi Ka Amrit Mahotsav
PM Gati Shakti

# ବିକାଶର ଦ୍ରୁତ ପଥରେ ଓଡ଼ିଶାକୁ ଉପସ୍ଥାପିତ କରିବା ପାଇଁ ଭାରତ ସରକାରଙ୍କ ପ୍ରୟାସ

## ୮୨୦୦ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ସହିତ






ପତାକା ଦେଖାଇ ହେବ ଶୁଭାରମ୍ଭ

## ପୁରୀ-କୋଲକତା (ହାୱଡା) ବନ୍ଦେ ଭାରତ ଏକ୍ସପ୍ରେସ୍

. ଓଡ଼ିଶା ରାଜ୍ୟ ପାଇଁ ପ୍ରଥମ ବନ୍ଦେ ଭାରତ . ଆତ୍ମନିର୍ଭର ଭାରତ ଅଧୀନ ସ୍ୱଦେଶୀ ଉତ୍ପାଦ . ଶ୍ରୀଜଗନ୍ନାଥ ମନ୍ଦିର, ସ୍ୱର୍ଣ୍ଣ ବେଳାଭୂମି, କୋଣାର୍କ ସୂର୍ଯ୍ୟମନ୍ଦିର ଓ ଚନ୍ଦ୍ରଭାଗା ବେଳାଭୂମି ବୁଲି ଆସୁଥିବା ପର୍ଯ୍ୟଟକ ବିଶେଷ କରି ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଉପକୃତ ହେବେ . ଦ୍ରୁତତର ତ୍ୱରାନ୍ୱୟନ ; ଯାତ୍ରା ସମୟ ହାରାହାରି ଏକ ଘଣ୍ଟା ତିରିଶ ମିନିଟ ସଞ୍ଚୟ .ଟ୍ରେନ୍ ଧକ୍କା ପ୍ରତିରୋଧ ପାଇଁ ଉପଯୋଗୀ କବଚ . ୩୬୦ ଡ଼ିଗ୍ରୀ ଘୂର୍ଣ୍ଣନ ବ୍ୟବସ୍ଥା ସମ୍ପନ୍ନ ଚେୟାର କାର୍ ସମୂହରେ ଏର୍ଗୋନୋମିକ ରିକ୍ଲାଇନିଂ ଆସନ . ଉତ୍ତମ ଅଗ୍ନି ନିରାପତ୍ତା . କୋଚ ଗୁଡ଼ିକରେ ସିସିଟିଭି ବ୍ୟବସ୍ଥା . ଦିବ୍ୟାଙ୍ଗଜନ ଅନୁକୂଳ ୱାସ ରୁମ , ସିଟ୍ ହ୍ୟାଣ୍ଡେଲ ଓ ବ୍ରେଲିଲିପି ଆଧାରିତ ସିଟ ସଂଖ୍ୟା . ଇନଫୋଟେନମେଣ୍ଟ ପ୍ରଣାଳୀ . ପୁରୀ, ଭୁବନେଶ୍ୱର, କଟକ ଓ ବାଲେଶ୍ୱର ଷ୍ଟେସନରେ ସହାୟତା ପାଇଁ ଫୁଟ୍ ଫଲ୍‌ର ବୃଦ୍ଧି

ହେବ ଶିଳାନ୍ୟାସ

## ପୁରୀ ଓ କଟକ ରେଳ ଷ୍ଟେସନର ପୁନଃଉନ୍ନତିକରଣ

. ସ୍ଥାନୀୟ ମନ୍ଦିର ସମୂହର ସ୍ଥାପତ୍ୟ ଦ୍ୱାରା ପ୍ରେରଣା ଆଧାରରେ ଦିନକୁ ୪ଲକ୍ଷ ଯାତ୍ରୀଙ୍କ ପରିଚାଳନା ସାମର୍ଥ୍ୟ ନିମନ୍ତେ ପୁରୀ ଷ୍ଟେସନର ହେବ ପୁନଃ ଉନ୍ନତିକରଣ . ବିଶ୍ୱ ଶ୍ରେଣୀୟ ସୁବିଧା ଯଥା : ସଂପ୍ରସାରିତ ରୁଫ ପ୍ଲାଜା ବିଭାଜିତ ପ୍ରବେଶ ଓ ପ୍ରସ୍ଥାନ ପଥ, ସୋଲାର ପ୍ୟାନେଲ , ଜଳ ସଂରକ୍ଷଣ ଓ ବର୍ଷା ଜଳ ଅମଳ ବ୍ୟବସ୍ଥା . ଦକ୍ଷ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ସଲିଡ଼ ୱେଷ୍ଟ ମ୍ୟାନେଜମେଣ୍ଟ ବ୍ୟବସ୍ଥା ସଂପର୍ଣ୍ଣ ଆଧୁନିକ ଗ୍ରୀନ ବିଲ୍ଡିଂ . ଲୋକଙ୍କ ଭବିଷ୍ୟତ ଆବଶ୍ୟକତାକୁ ସହାୟତା କରିବା ପାଇଁ ଡିଜାଇନ ଓ ବିକାଶ ଉପରେ ଗୁରୁତ୍ୱ .

ଉଦ୍‌ଘାଟନ ହେବ

## ବିଛୁପାଲି-ଝରତରଭା ନୂଆ ରେଳ ଲାଇନ୍

. ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ ପ୍ରକଳ୍ପର ଅଂଶ ଯାହାରକି ବଲାଙ୍ଗୀର ସହିତ ସଂଯୋଗିକତାରେ ଉନ୍ନତି ଅଣାଯିବ
. ପ୍ରଥମଥର ପାଇଁ ଓଡିଶାର ସୁବର୍ଣ୍ଣପୁର ଜିଲ୍ଲାରେ ରେଳବାଇ ଟ୍ରାକ୍‌ର ଉପଲବ୍ଧି

ଜାତିପ୍ରତି ଉତ୍ସର୍ଗ

### ସମ୍ବଲପୁର-ଟିଟିଲାଗଡ ରେଳପଥର ଦୋହରୀକରଣ (୧୮୨କିଲୋମିଟର)

. ଓଡିଶାର ପଶ୍ଚିମାଞ୍ଚଳରେ ଇସ୍ପାତ, ଶକ୍ତି ଓ ଖଣି ଉଦ୍ୟୋଗ ସମୂହର ଶିଳ୍ପାଞ୍ଚଳରେ ଉନ୍ନତି ଆଣିବା

### ଅନୁଗୁଳ-ସୁକିନ୍ଦା ରୋଡ ମଧ୍ୟରେ ନୂଆ ଲାଇନ୍ (୧୦୪କିଲୋମିଟର)

. ଆଇରନ୍‌ଓର୍ ସମୃଦ୍ଧ ଅଞ୍ଚଳ( ଯୋଡା-ବଡବିଲ ) ଅବସ୍ଥିତ ଇସ୍ପାତ ଓ ସ୍ପଞ୍ଜ ଶିଳ୍ପ ସମୂହ ସହ ସଂଯୋଗ .ତାଳଚେର କୋଇଲା ମାଇନିଂ ବେଲ୍ଟ ଏବଂ କଳିଙ୍ଗନଗରର ଥର୍ମାଲ ପାୱାରପ୍ଲାଣ୍ଟ ମଧ୍ୟରେ ଥିବା ରୁଟ୍‌କୁ ଭିଡମୁକ୍ତ ତଥା ଅପେକ୍ଷାକୃତ ଦୂରତା କମ୍ କରିବା . କଳିଙ୍ଗନଗରରୁ ମୁମ୍ବାଇ ଏବଂ ଦିଲ୍ଲୀ ଭାୟା ତାଳଚେର-ସମ୍ବଲପୁର-ଝାରସୁଗୁଡା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇଥିବା ଇସ୍ପାତ ଉତ୍ପାଦଗୁଡିକର ପ୍ରେରଣକୁ ଶସ୍ତା ତଥା ଦୂରତା ହ୍ରାସ କରିବା

### ମନୋହରପୁର-ରାଉରକେଲା-ଝାରସୁଗୁଡା-ଜାମଗା ମଧ୍ୟରେ ତୃତୀୟ ଲାଇନ୍ (୧୮୪ କିଲୋମିଟର)

. ଝାରସୁଗୁଡା ଅଞ୍ଚଳରେ ଥିବା ପାୱାର ଆଣ୍ଡ ଷ୍ଟିଲପ୍ଲାଣ୍ଟଗୁଡିକୁ ମହାନଦୀ କୋଲ ଫିଲ୍‌ଡସ (ଏମସିଏଲ )ରୁ କୋଇଲା ଏବଂ ମାଇନିଂ କ୍ଷେତ୍ରଗୁଡିକରୁ ଆଇରନ୍ ଓର୍‌ର ପରିବହନରେ ସହାୟତା . ରୁଟରେ ବର୍ଦ୍ଧିତ ପରିବହନ ସାମର୍ଥ୍ୟ ଏବଂ ବର୍ଦ୍ଧିତ ହାରାହାରି ବେଗ . ଟ୍ରେନ୍ ସେବାଗୁଡିକୁ ଅଧିକ ବ୍ୟବସ୍ଥିତ କରିବା

### ଓଡିଶା ରାଜ୍ୟରେ ରେଳ ନେଟୱର୍କର ୧୦୦ପ୍ରତିଶତର ବିଦ୍ୟୁତିକରଣ

୨୦୩୦ସୁଦ୍ଧା ଶୂନ୍ୟ କାର୍ବନ ନିର୍ଗମନ ଅଭିମୁଖେ ଭାରତର ରେଳବାଇକୁ ପହଞ୍ଚାଇବାରେ ଅନ୍ୟତମ ପଦକ୍ଷେପ

ଦ୍ୱାରା

## ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀ
(ଭିଡିଓ କନଫରେନ୍ସିଂ ଜରିଆରେ)

୧୮ ମଇ, ୨୦୨୩ | ପୂର୍ବାହ୍ନ ୯.୩୦ | ପୁରୀ ରେଲୱେ ଷ୍ଟେସନ

| ଟ୍ରେନ ନଂ ୨୨୮୯୫ କୋଲକାତା (ହାୱ୍ଡା)-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ | | ଷ୍ଟେସନ | ଟ୍ରେନ ନଂ ୨୨୮୯୬ ପୁରୀ-କୋଲକାତା (ହାୱ୍ଡା) ବନ୍ଦେ ଭାରତ ଏକ୍ସପ୍ରେସ | |
|---|---|---|---|---|
| ଛାଡିବ | ପହଞ୍ଚିବ | | ଛାଡିବ | ପହଞ୍ଚିବ |
| ୦୬:୧୦ | -- | ହାଓଡ଼ା ଜଙ୍କସନ | -- | ୨୦:୩୦ |
| -- | ୧୨:୩୫ | ପୁରୀ | ୧୩:୫୦ | -- |

ଷ୍ଟପେଜ : ଖଡଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର-କେଉଁଝର ରୋଡ, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ ଯାତ୍ରାର ଦିନ : ସପ୍ତାହରେ ଛଅ ଦିନ (ଗୁରୁବାରକୁ ଛାଡି)

ସମ୍ମାନନୀୟ ଅତିଥିମାନଙ୍କ ଉପସ୍ଥିତିରେ

**ପ୍ରଫେସର ଗଣେଶୀ ଲାଲ** — ମାନ୍ୟବର ରାଜ୍ୟପାଳ (ଓଡିଶା)

**ନବୀନ ପଟ୍ଟନାୟକ** — ମାନ୍ୟବର ମୁଖ୍ୟମନ୍ତ୍ରୀ (ଓଡିଶା)

**ଧର୍ମେନ୍ଦ୍ର ପ୍ରଧାନ** — ମାନ୍ୟବର କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ତଥା ଉଦ୍ୟମିତା ମନ୍ତ୍ରୀ

**ଅଶ୍ୱିନୀ ବୈଷ୍ଣବ** — ମାନ୍ୟବର କେନ୍ଦ୍ର ରେଳପଥ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି କେନ୍ଦ୍ରମନ୍ତ୍ରୀ, ଭାରତ ସରକାର

/RailMinIndia
DD NEWS ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ
ଭାରତୀୟ ରେଳପଥ
www.indianrailways.gov.in

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସୁରକ୍ଷା...

ଭାରତ, ଅଷ୍ଟ୍ରେଲିଆ, ଜାପାନ ଏବଂ ଯୁକ୍ତରାଷ୍ଟ୍ର ଆମେରିକା- ଏଇ ଚାରି ଦେଶଙ୍କୁ ନେଇ ଗଠିତ ଗୋଷ୍ଠୀ କ୍ୱାଡ୍‌ର ନେତାମାନେ ପ୍ରାୟତଃ ଏହାକୁ ଏକ ଗଠନମୂଳକ କାର୍ଯ୍ୟସୂଚୀ ନେଇ ସମସ୍ତଙ୍କର ମଙ୍ଗଳ ପାଇଁ ଗଠନ କରାଯାଇଥିବା ଏକ ମେଣ୍ଟ ଭାବରେ ବର୍ଣ୍ଣନା କରି ଆସିଛନ୍ତି । ଏହି ଗୋଷ୍ଠୀ ବିଶେଷକରି ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସ୍ୱାସ୍ଥ୍ୟ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ସ୍ୱଚ୍ଛ ଶକ୍ତି ପାରଗମନ, ଭିତ୍ତିଭୂମି ଏବଂ ସଂଯୋଗ, ଏବଂ ଗୁରୁତ୍ୱପୂର୍ଣ୍ଣ ଓ ଅଭିନବ ପ୍ରଯୁକ୍ତିଗୁଡ଼ିକ ଭଳି ପ୍ରମୁଖ ଆହ୍ୱାନଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ତଥାପି, ଧୀରେ ଧୀରେ ଏହା ନିଜର ସଦସ୍ୟମାନଙ୍କ ମଧ୍ୟରେ ସହଯୋଗ ଏବଂ ମିଳିତ ପଦକ୍ଷେପଗୁଡ଼ିକ ମାଧ୍ୟମରେ ସୁରକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ନିଜର ସ୍ଥିତିକୁ ଦୃଢ଼ କରିଥିବା ଜାଣିବାକୁ ପାଇଛି । ଏହି ଗୋଷ୍ଠୀର ମୂଳ ନାମ ଚର୍ତୁପକ୍ଷୀୟ ସୁରକ୍ଷା ବାର୍ତ୍ତା (କ୍ୱାଡ୍ରିଲ୍ୟାଟେରାଲ ସିକ୍ୟୁରିଟି ଡାଇଲଗ୍)- ଆଜିକା ଦିନରେ ସରକାରୀ କାଗଜପତ୍ରରେ ଏହା କ୍ୱଚିତ୍ ବ୍ୟବହାର ହେଉଛି– ଏହି ପ୍ରମୁଖ ଶକ୍ତିମାନଙ୍କର ପରସ୍ପର ସହିତ ମିଳିତ ହୋଇ ଏକାଠି କାମ କରିବା ପଛରେ ସୁରକ୍ଷା ଉପାଦାନର ଗୁରୁତ୍ୱକୁ ଉପସ୍ଥାପନ କରିଥିଲା । ସମାନ ଭାବରେ କ୍ୱାଡ୍‌ର ପଦକ୍ଷେପଗୁଡ଼ିକ ନିରନ୍ତରତାର ସହିତ ଚୀନ୍ ପକ୍ଷରୁ ଯେଉଁସବୁ ଆହ୍ୱାନଗୁଡ଼ିକ ସୃଷ୍ଟି ହେଉଥିଲା, ସେଗୁଡ଼ିକର ମୁକାବିଲା କରିବାର ଲକ୍ଷ୍ୟ ରଖିଥିଲା, ଯାହାକୁ ଉଲ୍ଲେଖ କରୁ ନଥିଲେ ସୁଦ୍ଧା ସୁରକ୍ଷା କାର୍ଯ୍ୟ ଯେ ତହିଁରେ ଅନ୍ତର୍ଭୁକ୍ତ ଥିଲା, ତାକୁ ମନା କରିହେବ ନାହିଁ- ଏସବୁ ଆହ୍ୱାନ ଚୀନର ଜଳଯାତ୍ରା ହେଉ କି ବିମାନ ଦ୍ୱାରା ଉଡ଼ାଣରେ ଅତିକ୍ରମଣ, ନିୟମ-ଆଧାରିତ ଶୃଙ୍ଖଳାକୁ ବଜାୟ ରଖିବା ବା ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିଗୁଡ଼ିକ ପାଇଁ ମାନ ନିର୍ଦ୍ଧାରଣ । ଏହି କାରଣରୁ ତେଣୁ ଚଳିତ ସପ୍ତାହରେ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସୁରକ୍ଷା ଉପରେ ଭାରତର ପ୍ରତିରକ୍ଷା ବିଭାଗର ମୁଖ୍ୟ (ସିଡିଏସ୍) ଅନୀଲ ଚୌହ୍ୱାନ୍‌ଙ୍କ ସମେତ କ୍ୱାଡ୍ ସଦସ୍ୟ ରାଷ୍ଟ୍ରମାନଙ୍କର ବରିଷ୍ଠ ସାମରିକ ଅଧିକାରୀମାନଙ୍କର କାଲିଫର୍ଣ୍ଣିଆରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବା ଅବଶ୍ୟ ଏକ ଉଲ୍ଲେଖନୀୟ ଘଟଣା । ଏକଥା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଭାବରେ ସୂଚୀତ ହୋଇ ଯାଇଛି ଯେ ଚଳିତ ମାସର ଶେଷ ବେଳକୁ ହେବାକୁ ଯାଉଥିବା କ୍ୱାଡ୍ ଶିଖର ସମ୍ମିଳନୀ ପୂର୍ବରୁ ଏହି ଗୋଷ୍ଠୀ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସୁରକ୍ଷା ସହଯୋଗକୁ ଏକ ପରବର୍ତୀ ସ୍ତରକୁ ନେବାକୁ ଚାହୁଁଛି । ତେବେ ଉପରୋକ୍ତ ଗୋଷ୍ଠୀର ସୁରକ୍ଷା ଦିଗଟି ସେବେଠାରୁ ଶକ୍ତିଶାଳୀ ହୋଇ ସାରିଛି ଯେବେଠୁ ଅଷ୍ଟ୍ରେଲିଆ ପ୍ରତି ବର୍ଷ ମାଲାବାରଠାରେ ଭାରତ, ଜାପାନ ଏବଂ ଆମେରିକାର ନୌବାହିନୀଙ୍କ ଦ୍ୱାରା ହେଉଥିବା ଉନ୍ନତ ଧରଣର ସମରାଭ୍ୟାସରେ ଯୋଗ ଦେଇ ସାରିଛି । କାଲିଫର୍ଣିଆ କାର୍ଯ୍ୟକ୍ରମ ତେଣୁ ଏହି ଚାରି ଦେଶଙ୍କର ସ୍ୱଚ୍ଛ ସେନା ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ଅଧିକ ନିବିଡ଼ କରିବାର ଏକ ମଞ୍ଚ ପାଲଟିବାକୁ ଯାଉଥିବା ବେଳେ ମିଳିତ ପ୍ରଶିକ୍ଷଣ ଓ ସମରାଭ୍ୟାସ ଏବଂ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଆହ୍ୱାନଗୁଡ଼ିକର ମୁକାବିଲା ସହିତ ଆହୁରି ଅନେକଗୁଡ଼ିଏ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବାର ସମ୍ଭାବନା ରହିଛି । ଗୋଟିଏ ଦୃଷ୍ଟିରୁ ଦେଖିଲେ, କ୍ୱାଡ୍ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସୁରକ୍ଷାର ଉପାଦାନ ଅପରିହାର୍ଯ୍ୟ ଥିଲା । ଏହାର କାରଣ, ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଚୀନ୍ ବେଳକୁ ବେଳ ଆକ୍ରମଣାତ୍ମକ ହୋଇ ଉଠୁଛି ଏବଂ ନିଜର ବିସ୍ତାରବାଦୀ ଆଭିମୁଖ୍ୟକୁ ବାସ୍ତବତାରରେ ପରିଣତ କରିବାକୁ ଉଦ୍ୟମ କରୁଛି । ତେଣୁ ଏହି କ୍ଷେତ୍ରରେ ଚୀନ୍ ବାସ୍ତବ ପକ୍ଷେ ସଦସ୍ୟ ରାଷ୍ଟ୍ରମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଭାବରେ ଉଭା ହୋଇଛି । ଗୋଟିଏ ପକ୍ଷରେ କ୍ୱାଡ୍‌ର ଦୁଇ ସଦସ୍ୟ ରାଷ୍ଟ୍ର ଭାରତ ଏବଂ ଜାପାନ ସହିତ ଚୀନ୍ ଗୁରୁତର ସୀମା ବିବାଦରେ ଜଡ଼ିତ ହୋଇ ପଡ଼ିଥିବା ବେଳେ ଅନ୍ୟ ପକ୍ଷରେ ବାଣିଜ୍ୟ କାରବାର ଏବଂ ବିଧିବିଧାନ- ଆଧାରିତ ଶୃଙ୍ଖଳା ରକ୍ଷା କରିବା କ୍ଷେତ୍ରରେ ଚୀନ୍‌ର ବେଖାତିର ଭାବ ଏବଂ ଔଦ୍ଧତ୍ୟ ଯୋଗୁଁ ଅଷ୍ଟ୍ରେଲିଆ ଏବଂ ଆମେରିକା ଏହା ଉପରେ ଭୀଷଣ କ୍ଷୁବ୍ଧ । ଏଥିରେ ତେଣୁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ କ୍ୱାଡ୍ ସଦସ୍ୟ ରାଷ୍ଟ୍ରମାନେ ସୂଚନା-ଆବଣ୍ଟନ ଏବଂ ବୈଷୟିକ ସହାୟତା, ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବା, ସାମୁଦ୍ରିକ ଆଇନ ଉପରେ ଜାତିସଂଘର କନ୍‌ଭେନ୍‌ସନ୍ (ୟୁଏନ୍‌ସିଏଲ୍‌ଓଏସ୍)କୁ ବଜାୟ ରଖିବା ଏବଂ ଯୋଗାଯୋଗର ସାମୁଦ୍ରିକ ଧାରାକୁ ସୁନିଶ୍ଚିତ କରିବା ସମେତ ଆହୁରି ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ଆଞ୍ଚଳିକ ଅଂଶୀଦାରମାନଙ୍କ ସହିତ ସମ୍ପୃକ୍ତିକୁ ଅଧିକ ଗଭୀର କରିବାକୁ ଚାହୁଁଛନ୍ତି । ସାମ୍ପ୍ରତିକ ସମୟରେ ଚୀନ୍ ତା'ର ବିସ୍ତାରବାଦୀ ନୀତିକୁ ସ୍ଥଳ ଭାଗରୁ ଜଳ ଭାଗକୁ ସମ୍ପ୍ରସାରିତ କରି ସାରିଛି, ଏପରିକି ଭାରତ ମହାସାଗର କ୍ଷେତ୍ରରେ ମଧ୍ୟ ଏହା ନିଜର କାର୍ଯ୍ୟକଳାପ ଜାରି ରଖି ଭାରତ ଉପରେ ଚାପ ସୃଷ୍ଟି କରିବାକୁ ଉଦ୍ୟମ ଚଳାଇଛି । ଏଭଳି ପରିପ୍ରେକ୍ଷୀରେ ଭାରତ ପାଇଁ ତେଣୁ ଚୀନ୍ ବାବଦରେ ଏହାର ରଣନୀତିରେ ଏକ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି ଯାହା ଉପରୋକ୍ତ ବୈଠକ ମଧ୍ୟ କେତେକାଂଶରେ ସୂଚନା ପ୍ରଦାନ କରୁଛି। ଚୀନ୍ ପୁଣିଥରେ ଭାରତକୁ ଦର୍ଶାଇବାକୁ ଚାହୁଁଛି ଯେ ଏହା ଭାରତର ପଡ଼ୋଶୀ ଶତ୍ରୁ ଭାବରେ କାର୍ଯ୍ୟ କରିବାର ଧାରାକୁ ବନ୍ଦ କରିବ ନାହିଁ, ଅର୍ଥାତ୍ ଭାରତ ପାଇଁ ଚୀନ୍ ଏକ ଦୀର୍ଘକାଳୀନ କୌଶଳଗତ ପ୍ରତିକୂଳ ଶକ୍ତି ଭାବରେ ରହିବ ହିଁ ରହିବ । କ୍ୱାଡ୍ ବୈଠକକୁ ତେଣୁ ଏ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ ବିବେଚନା କରାଯିବା ଏକ ସ୍ୱାଭାବିକ କଥା ଏବଂ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଭାରତ ଆଞ୍ଚଳିକ ଅଂଶୀଦାରମାନଙ୍କ ସମେତ କ୍ୱାଡ୍‌ର ଅନ୍ୟ ତିନି ସଦସ୍ୟ ରାଷ୍ଟ୍ରମାନଙ୍କ ସଙ୍ଗେ ସମ୍ପୂର୍ଣ୍ଣ ସହଯୋଗ କରିବା ଅବଶ୍ୟ ବିଜ୍ଞତାର ପରିଚାୟକ ।

# ସଂଗ୍ରହାଳୟର ଆଧ୍ୟାତ୍ମିକ ମୂଲ୍ୟବୋଧ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଆଜି ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ । ୧୯୭୭ ମସିହାରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ସମାଜରେ ସଂଗ୍ରହାଳୟର ଭୂମିକା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଅନ୍ତର୍ଜାତୀୟ ସଂଗ୍ରହାଳୟ ପରିଷଦ ଅନୁସାରେ, ମାନବ ସଭ୍ୟତାକୁ ମନେ ରଖିବା ପାଇଁ ସଂଗ୍ରହାଳୟରେ ଅମୂଲ୍ୟ ସ୍ମାରକଗୁଡ଼ିକ ସୁରକ୍ଷିତ ରଖାଯାଏ । ଏଠାରେ ସ୍ଥାପିତ ପ୍ରତ୍ୟେକ ବସ୍ତୁ ପ୍ରକୃତି ଓ ସାଂସ୍କୃତିକ ସମ୍ପଦଗୁଡ଼ିକୁ ପ୍ରଦର୍ଶିତ କରିଥାଏ । ଅତୀତର ମୂଲ୍ୟବାନ ସ୍ମାରକ ଆଜି ବି ଅନେକ ସ୍ଥାନରେ ଅବହେଳିତ, ଅଲୋଡ଼ା, ଅଖୋଜା ତଥା ନଷ୍ଟ ହୋଇଚାଲିଛି । ସେଗୁଡ଼ିକର ଉଦ୍ଧାର ଓ ସୁରକ୍ଷା ନିହାତି ଆବଶ୍ୟକ । ସମସ୍ତେ ମିଳିମିଶି ଏହାକୁ ରକ୍ଷା କରିବା ସହ ଯତ୍ନ ନେବାକୁ ଏହି ଦିବସ ବାର୍ତ୍ତା ଦେଇଥାଏ । ପ୍ରତିବର୍ଷ ମଇ ମାସ ୧୮ର ତାରିଖକୁ ବିଶ୍ୱ ସଂଗ୍ରହାଳୟ ଦିବସ ଭାବେ ବିଶ୍ୱବ୍ୟାପୀ ପାଳନ କରାଯାଏ । ପ୍ରତିଟି କ୍ଷେତ୍ରରେ ଆଜି ସୃଜନର ବିପୁଳ ସମ୍ଭାର ଆମ୍ଭେମାନେ ଦେଖିବାକୁ ପାଉଛୁ । ଯୁଗସ୍ରଷ୍ଟାଙ୍କଠାରୁ ସୃଷ୍ଟିର ସେହି ଅମୃତ ସନ୍ତାନ ମଣିଷ ପର୍ଯ୍ୟନ୍ତ ବିଭିନ୍ନ ସ୍ତରର ବିଭିନ୍ନ କଳାକୃତି, ଆବିଷ୍କାର, ଉଦ୍ଭାବନ, ଅତ୍ୟାଶ୍ଚର୍ଯ୍ୟର ଘଟଣା ପ୍ରବାହର ସମ୍ମିଶ୍ରଣ ହେଉଛି ସଂଗ୍ରହାଳୟ । ବିଶ୍ୱଠାରୁ ଭାରତ ବର୍ଷ, ନିଜ କଳାବିମଣ୍ଡିତ ଓଡ଼ିଶା ରାଜ୍ୟଠାରୁ ହୀରକ ବିମଣ୍ଡିତ ବୌଦ୍ଧକ୍ଷେତ୍ର ହେଉ ସବୁଠି ଅନନ୍ୟ ଶ୍ରେଷ୍ଠ ଜୀବନ କଳାକୃତିର ସଂଗ୍ରହାଳୟର ଜୀବନ୍ତ ସାକ୍ଷର ରହିଛି । ଇତିହାସର ତଥ୍ୟ - ଚଣ୍ଡାଶୋକରୁ ଧର୍ମାଶୋକ ପାଲଟିଥିବା ଶାନ୍ତିଦୂତ, ଶାନ୍ତିର ପ୍ରତୀକ ବୁଦ୍ଧଙ୍କ ନିର୍ବାଣ ଏହି ସଂଗ୍ରହାଳୟର ପ୍ରତିଟି ମୁହୂର୍ତ୍ତକୁ ସ୍ମରଣୀୟ କରି ତୋଳିଛି । ସଂଗ୍ରହାଳୟ ଅର୍ଥ ନୁହେଁ କିଛି ଜିନିଷକୁ ସଜାଇ ତଳେ ପ୍ଲାକାଡ଼ ଲେଖି ରଖିଦେବା । ସଂଗ୍ରହାଳୟ ହେଉଛି ଆମର ଇତିହାସକୁ ମନେପକାଇବାର ପବିତ୍ର ସ୍ମରଣୀୟ ମୁହୂର୍ତ୍ତ । ଦିନକୁ ଦିନ ବ୍ୟସ୍ତ ବହୁଳ ଧାଁ ଦଉଡ଼ ଜୀବନ ଭିତରେ ପ୍ରାୟତଃ ସମୟ ମିଳୁନି ଆମମାନଙ୍କୁ ଆମମାନଙ୍କର ସ୍ମୃତି ବିଜଡ଼ିତ ପୂର୍ବ ଇତିହାସକୁ ପୁଣିଥରେ ମନେପକାଇବାକୁ । ସେହି ବୀରଯୋଦ୍ଧା, ତ୍ୟାଗଦୀପ୍ତ ସ୍ୱାଧୀନତା ସେନାନୀଙ୍କୁ ସ୍ମରଣ ପୂର୍ବକ ମଥାନତ ଭକ୍ତି ନୈବେଦ୍ୟ ଦେବାପାଇଁ ।

ସମଗ୍ର ବିଶ୍ୱରେ ସଂଗ୍ରହାଳୟ ସ୍ଥାପନାରେ ଶ୍ରେଷ୍ଠତା ଅର୍ଜନ କରିଥିବା ବିରଳ ରାଷ୍ଟ୍ର ଭିତରେ ଭାରତ ଅନ୍ୟତମ । ଐତିହାସିକ କ୍ଷେତ୍ର ଠାରୁ ଭୌଗୋଳିକ, କଳା ନୈପୁଣ୍ୟତାର ସ୍ଥାପତ୍ୟ ଠାରୁ ଦେବ ବିମଣ୍ଡିତ ଦେବାଳୟ ଓ ଦେବସ୍ଥାନ, ସୁଉଚ୍ଚ ଆକାଶକୁ ଛୁଇଁଥିବା ପରି ପର୍ବତମାଳାଠାରୁ ଗିରିକନ୍ଦର, ବାରିଧାରାର ସ୍ରୋତର ଉତ୍ସ ଓ ସବୁଜ ବନାନୀର କ୍ଷେତ୍ରଠାରୁ ସମସ୍ତ ପ୍ରାକୃତିକ ସୃଷ୍ଟି ସମ୍ଭାରର ଅନନ୍ୟ ସଂଗ୍ରହାଳୟ ଏହି ଭାରତରେ ଯାହାକୁ ଅନେକ କେହି ଜାଣିନଥାନ୍ତି । ହୀରକ୍ ବିମଣ୍ଡିତ କ୍ଷେତ୍ର ଲଳିତଗିରିରୁ ଏକଦା ଆବିଷ୍କୃତ ହୋଇଥିଲା ବୁଦ୍ଧଙ୍କ ପବିତ୍ର ସ୍ମୃତି ସମ୍ଭାର ଯେଉଁଥିରେ ସୁନାର ଦାନ୍ତ ବା କାସ୍କେଟ୍ ବି ସ୍ଥାନିତ ହୋଇଥିଲା। ଅଧୁନା ଝାଡ଼ଖଣ୍ଡର ଦେଓଘରଠାରେ ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ମୃତି ବିଜଡ଼ିତ ଠାକୁର ବାଡ଼ି ହେଉ ବା ବାଂଲାଦେଶର ଶ୍ରୀ ଶ୍ରୀ ଠାକୁରଙ୍କ ଜନ୍ମସ୍ଥାନ ଦେବଭୂମି ପାବନା, ହିମାୟିତପୁରରେ ଶ୍ରୀ ଶ୍ରୀ ଠାକୁରଙ୍କ ସ୍ମୃତି ବିଜଡ଼ିତ ଅନେକ ଦୁଃଷ୍ପ୍ରାପ୍ୟ ଓ ଦୁର୍ମୂଲ୍ୟ ଆଧ୍ୟାତ୍ମିକ ସଂଗ୍ରହଣୀୟ ମୂଲ୍ୟବାନ ପଦାର୍ଥ, ସନ୍ତକ ଓ ଉପାଦେୟ ପୁସ୍ତକ, ଫଟୋଚିତ୍ର ରହିଛି ଯାହାକି ଅଗଣିତ ଆଧ୍ୟାତ୍ମଲିପ୍ସୁ, ଧର୍ମାଶ୍ରିତ ଓ ଶ୍ରୀ ଶ୍ରୀ ଠାକୁରଙ୍କ ସତ୍‌ସଙ୍ଗୀ ଅନୁଗାମୀ ମାନଙ୍କୁ ଟାଣି ନେଇଥାଏ। ଅନେକ ହୁଏତ ଜାଣି ନଥିବେ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟ ସାନ୍ନିଧ୍ୟ, କୃପା, କଥୋପକଥନ ବା ଆଶୀର୍ବାଦ ପ୍ରାପ୍ତି ପାଇଁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ, ପ୍ରଧାନମନ୍ତ୍ରୀ ଗୁଲଜାରିଲାଲ ନନ୍ଦା, ବିହାରର ତତ୍କାଳୀନ ପ୍ରଧାନମନ୍ତ୍ରୀ ବିନୋଦାନନ୍ଦ ଝା ଓ ତତ୍କାଳୀନ ସମାଜର ସମ୍ପାଦକ ବିଶିଷ୍ଟ ରାଜନେତା ସମାଜସେବୀ ରାଧାନାଥ ରଥ ପ୍ରମୁଖଙ୍କ ଶ୍ରୀ ଶ୍ରୀ ଠାକୁରଙ୍କ ସହ ସ୍ମୃତି ବିଜଡ଼ିତ ଫଟୋଚିତ୍ର ଓ ଉପାଦେୟ ଦସ୍ତାବିଜ୍ ରହିଛି। ଶ୍ରୀ ଶ୍ରୀ ଠାକୁରଙ୍କ ଜନ୍ମସ୍ଥାନ ବାଂଲାଦେଶ ପାବନା ହିମାୟିତପୁରରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ସହିତ କଥୋପକଥନ ଇତିହାସ ପୃଷ୍ଠାରେ ଓ ପ୍ରବହମାନ ପଦ୍ମାନଦୀର ପାଣି ଓ ପବନରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ। ପ୍ରଶ୍ନ ଉଠେ, ସଂଗ୍ରହାଳୟର ଆବଶ୍ୟକତା କ'ଣ ? ସଂଗ୍ରହାଳୟ ଆଜି କେବଳ ଗବେଷକ ନୁହଁନ୍ତି ଅନିସିନ୍ଧୁସୁଙ୍କ ଠାରୁ ଛାତ୍ରଛାତ୍ରୀ, ଶିକ୍ଷାବିତ୍‌ଙ୍କ ଠାରୁ ସୃଜନାତ୍ମକ ଚରିତ୍ର ସମସ୍ତଙ୍କ ପାଇଁ ଆଲୋଚ୍ୟ ଓ ଆଗ୍ରହର ପ୍ରସଙ୍ଗ ପାଲଟିଛି । ଭାରତ ବାହାରେ ଚୀନ୍, ରୁଷ, ଜାପାନ, ଆମେରିକା ଠାରୁ ନେପାଳ, ଶ୍ରୀଲଙ୍କା ଓ ପାକିସ୍ଥାନରେ ମଧ୍ୟ ଅନେକ ବିରଳ ସଂଗ୍ରହ କଳାକୃତିକୁ ନେଇ ଆନ୍ତର୍ଜାତିକସ୍ତରର ସଂଗ୍ରହାଳୟ ସ୍ଥାପନ ହୋଇଛି । ପ୍ରତି ବର୍ଷ ଲକ୍ଷାଧିକ ସଂଗ୍ରହାଳୟପ୍ରେମୀ ସେଠାକୁ ଯାଇ ନିଜ ଗବେଷଣା ଓ ସୃଜନ ସମ୍ଭାରର ଜୟଯାତ୍ରାକୁ ଅବ୍ୟାହତ ରଖିଥାନ୍ତି । ସଂପ୍ରତି ସରକାରୀସ୍ତରରୁ ବେସରକାରୀସ୍ତର ପର୍ଯ୍ୟନ୍ତ ସବୁଠି ସଂଗ୍ରହାଳୟ ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ମୁଦ୍ରା ସଂଗ୍ରହ ଠାରୁ ଦୈନିକ ଖବର କାଗଜ, ବିଭିନ୍ନ ପଥରର ସୂକ୍ଷ୍ମ କାରୁକାର୍ଯ୍ୟର କଳାକୃତି ଠାରୁ ବିଜ୍ଞାନ ସମ୍ବନ୍ଧୀୟ ସାମଗ୍ରୀ । ଲୋକଲୋଚନର ଉହାଡ଼ରୁ ଲୁପ୍ତପ୍ରାୟ ବିରଳ କୀର୍ତ୍ତିରାଜି ଆଜି ମଧ୍ୟ ସଂଗ୍ରହାଳୟରେ ସ୍ଥାନିତ ହେଉଛି । କେବଳ ସେତିକି ନୁହେଁ ଏହି ଦୁଃଷ୍ପ୍ରାପ୍ୟ କଳାକୃତିକୁ ସଂଗ୍ରହ କରି ସଂଗ୍ରହାଳୟରେ ରୂପ ଦେବା ପାଇଁ ଆଜି ଛାତ୍ରଛାତ୍ରୀ ଓ ଗବେଷକଙ୍କ ଭିତରେ ଶ୍ରଦ୍ଧା ବୃଦ୍ଧି ପାଉଛି ଏହା ଖୁବ୍ ଖୁସିର କଥା ।

ସଂଗ୍ରହାଳୟ ନଥିଲେ ସତରେ ଗୋଟିଏ ଜାତିର, ଗୋଟିଏ ରାଷ୍ଟ୍ରର ଇତିହାସ ଚିନ୍ତା କରିହୁଏନା ଏହା ଯଥାର୍ଥ ପ୍ରତୀୟମାନ ହୁଏ । ହଜିଯାଇଥିବା ଘଟଣାର କାହାଣୀ ହେଉ ବା ସମୟ ସୁଅରେ ଲିଭିବାକୁ ବସିଥିବା ସ୍ମୃତି ବିଜଡ଼ିତ କାହାଣୀ, ଘଟଣା, ପ୍ରସଙ୍ଗ ସ୍ଥାନିତ ହୋଇଥାଏ ଏହି ସଂଗ୍ରହାଳୟରେ । ସଂଗ୍ରହାଳୟ ସମସ୍ତଙ୍କ ପାଇଁ ଦର୍ଶନର ଶ୍ରଦ୍ଧାଶୀଳ କେନ୍ଦ୍ରବିନ୍ଦୁ ପାଲଟିଥାଏ । ଆଜି ଆଧ୍ୟାତ୍ମିକ ଓ ସେବାଭିମୁଖୀ ସଂଗଠନମାନେ ସଂଗ୍ରହାଳୟ ପାଇଁ ବିରଳ ଦୁଃଷ୍ପ୍ରାପ୍ୟର ସମ୍ଭାରକୁ ନେଇ ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ମାଧ୍ୟରେ ସଚେତନତା ସୃଷ୍ଟି କରିବାକୁ ସମର୍ଥ ହେଉଛନ୍ତି । ସଂଗ୍ରହାଳୟ ପ୍ରତି ମମତାବୋଧ ଓ ଶ୍ରଦ୍ଧା ସବୁଠାରୁ ବଡ଼କଥା । ଆମ ମାନଙ୍କର ହାତପାହାନ୍ତାରେ ଏପରି ନୈସର୍ଗିକ ଜିନିଷର ଛବିଟିଏ ପାଇଥାଉ ଯାହାହୁଏତ ଆମ ପାଇଁ ଛୋଟ ମନେହେଲେ ବି ତାହା ଜଣେ ଗବେଷକ ସଂପନ୍ନ ସଂଗ୍ରାହକ ପାଇଁ ବିରଳ ଓ ଦୁଃଷ୍ପ୍ରାପ୍ୟ ପଦାର୍ଥଟି ହୋଇପାରେ । ଆଜି ବିଶ୍ୱ ସଂଗ୍ରହାଳୟ ଦିବସ ଅବସରରେ ସମସ୍ତଙ୍କ ଭିତରେ ନିଜ ସୀମିତସାଧ ଭିତରେ ଦୁଃଷ୍ପ୍ରାପ୍ୟ ଲୁପ୍ତପ୍ରାୟ ବିରଳ କୀର୍ତ୍ତିରାଜିର ସମ୍ଭାରକୁ ସଂରକ୍ଷଣ ଓ ଭଲପାଇବାର ଦିନଟିଏ ହେଉ ଆଜିର ଦିନ । ପରବର୍ତ୍ତୀ ପିଢ଼ୀ ପାଇଁ ସମୟର ସୁଅ ଭିତରେ କିଛି ସ୍ମୃତିର ସ୍ମାରକୀ ସଂରକ୍ଷଣ କରି କାଳର କରାଳ ସ୍ରୋତ ଭିତରେ ଇତିହାସକୁ ମନେପକାଇବାର ପବିତ୍ର ଦିନ ହେଉ ବିଶ୍ୱ ସଂଗ୍ରହାଳୟ ଦିବସ ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


# ଗ୍ରୀଷ୍ମକାଳୀନ ସତ୍ୟସାଇ ଶିକ୍ଷା ଶିବିର



## ଇଂ.ସଚ୍ଚିଦାନନ୍ଦ ନନ୍ଦ

୧୯୭୨ ମସିହାରେ ଭଗବାନ ଶ୍ରୀ ସତ୍ୟସାଇ ବାବା ଦେଶର କଲେଜ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ତାହାର ନାମ ଦେଇଥିଲେ 'ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତା ଭିତ୍ତିକ ଗ୍ରୀଷ୍ମ ଶିକ୍ଷା ଶିବିର' । ସମଗ୍ର ଭାରତର ବିଭିନ୍ନ ପ୍ରଦେଶର କଲେଜ ଛାତ୍ରଛାତ୍ରୀ ତଥା ଶ୍ରୀ ସତ୍ୟସାଇ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଏହିପରି ପ୍ରାୟ ଏକ ହଜାର ପିଲାଙ୍କ ପାଇଁ ମାସେକାଳ ଏହି ଶିବିର ଅନୁଷ୍ଠିତ ହେଉଥିଲା । ଏହା ମୁଖ୍ୟତଃ ବାଙ୍ଗାଲୋର ନିକଟସ୍ଥ ହ୍ୱାଇଟ୍ ଫିଲଡ୍ ପରିସରରେ ଅନୁଷ୍ଠିତ ହେଉଥିଲା । ଗ୍ରୀଷ୍ମ ଛୁଟିରେ ପିଲାମାନଙ୍କ ସମୟର ସବୁଠାରୁ ଅଧିକ ଫଳପ୍ରଦ । ସଦ୍‌ବ୍ୟବହାର ହେଉଥିଲା ଏହି ଶିବିରରେ । ଏଠାରେ ରହିବା, ଖାଇବା ପାଇଁ କିଛି ଦେୟ ଦେବାକୁ ପଡ଼େ ନାହିଁ । କେବଳ ଯେ ପାଠ ପଢ଼ା ହୁଏ ତାହା ମଧ୍ୟ ନୁହେଁ, ଭଗବାନ ବାବାଙ୍କ ଦର୍ଶନ, ସ୍ପର୍ଶକ ଓ ସମ୍ଭାଷଣ ପାଇବାର ସୌଭାଗ୍ୟ ପିଲାମାନେ ଲାଭ କରିଥାନ୍ତି । ଭଗବାନଙ୍କ ସଂକଳ୍ପ ଫଳରେ ଦୀର୍ଘ ମାସକର ରହଣୀ ଏତେ ରସପୂର୍ଣ୍ଣ ଓ ଭାବମୟ ହୁଏ ଯେ ପିଲାମାନେ ତାଙ୍କ ପିତାମାତାଙ୍କୁ ଚିଠି ଲେଖିବା ବା ଫୋନ କରିବାକୁ ଭୁଲିଯାନ୍ତି । ଏଥିରେ ଯୋଗ ଦେବାକୁ ଯେଉଁମାନେ ସୁଯୋଗ ପାଆନ୍ତି ନାହିଁ ସେମାନେ ନିଜ ହାତରୁ ଖାଇ, ରେଲୱେ ପ୍ଲାଟଫର୍ମରେ ରାତ୍ରିଯାପନ କରି ମାସ ଯାକ ବାହାରେ ବସି ଏହି ଶିବିରର ଉପକାର ଲାଭ କରିବା ଦେଖାଯାଏ । ପ୍ରାୟ ପ୍ରତ୍ୟେକ ବର୍ଷ ଏତାଦୃଶ ଘଟଣା ଦେଖାଯାଏ ତାହାର ମୁଖ୍ୟ ଆକର୍ଷଣ ଥାନ୍ତି ଭଗବାନ ବାବା ।

ପ୍ରତ୍ୟେକ ଦିନ ମଧ୍ୟାହ୍ନ ଭୋଜନ ସମୟ ବ୍ୟତୀତ ଦିନ ସାରା, ସମଗ୍ର ଭାରତର ବିଭିନ୍ନ ଅଞ୍ଚଳର ବିଦ୍ୱାନ ମାନଙ୍କ ଦ୍ୱାରା ବିଭିନ୍ନ ବିଷୟ ଉପରେ ସମ୍ଭାଷଣ ମାନ ବ୍ୟବସ୍ଥା କରାଯାଇଥାଏ ଏବଂ ପ୍ରତି ସଂଧ୍ୟାରେ ଭଗବାନ ବାବା ସ୍ୱୟଂ ତାଙ୍କ ଇଚ୍ଛାଧିନ ଏକ ବିଷୟ ଉପରେ ସୁଦୀର୍ଘ ସମ୍ଭାଷଣ ପ୍ରଦାନ କରନ୍ତି । ସମସ୍ତ ଶ୍ରୋତାଗଣ ଏହାକୁ ଅମୃତ ତୁଲ୍ୟ ପିଇଯାଆନ୍ତି । ଯେଉଁ ସବୁ ବିଷୟ ଉପରେ ଶିକ୍ଷା ପ୍ରଦାନ କରାଯାଏ ସେ ଗୁଡ଼ିକ ହେଉଛି ଭାରତୀୟତା, ଭାରତର ଗୌରବ, ଏହି ଅଧ୍ୟାତ୍ମିକତାର ପାଳନ ବିଧି, ମୂଲ୍ୟବୋଧ, ସତ୍ୟ, ଧର୍ମରେ ଆଦର୍ଶ ଓ ମୂଲ୍ୟବୋଧର ପ୍ରାଧାନ୍ୟ, ଜୀବନର ପୁରୁଷାର୍ଥ, ଏହାକୁ ହାସଲ କରିବାର ଉପାୟ, ଏହାର ପ୍ରୟୋଜନ, ଶାନ୍ତି କ'ଣ, ଶାନ୍ତିର ମାର୍ଗ, କର୍ମ, ଭକ୍ତି, ଜ୍ଞାନ - ସତ୍‌ସଙ୍ଗ ସ୍ୱାଧ୍ୟାୟ ସାଧନା, ଏକତା ପବିତ୍ରତା ଓ ଦୈବତ୍ୱ - ଚରିତ୍ର ହିଁ ଶିକ୍ଷାର ପରିସମାପ୍ତି - ଭକ୍ତି ଓ ବିଶ୍ୱାସ - ବିଜ୍ଞାନ ଓ ଆଧ୍ୟାତ୍ମିକତା - ମାନବ ସମାଜକୁ ବେଦ ମାନଙ୍କର ବାର୍ତ୍ତା । ଆଧ୍ୟାତ୍ମିକତା ଓ ସ୍ୱାସ୍ଥ୍ୟ ରକ୍ଷା - ବ୍ୟକ୍ତିଗତ ସାଧନା, ପାରିବାରିକ ସାଧନା ଓ ସାମାଜିକ ସାଧନା - ନେତୃତ୍ୱ ନେବାର କଳା କୌଶଳ, ସମୟ ପ୍ରକୃଷ୍ଟ ସଦ୍‌ବ୍ୟବହାର ଓ ଆଦର୍ଶ ଛାତ୍ର ହିଁ ଆସନ୍ତା କାଲିର ଆଦର୍ଶ ନାଗରିକ - ଧ୍ୟାନ, ଧାରଣା ସମାଧି - ସାଧକ ଚତୁଷ୍ଟୟ ଇତ୍ୟାଦି ଇତ୍ୟାଦି । ଏ ସବୁ ବିଷୟ ଗୁଡ଼ିକ ବାହାରୁ ଅତି ଶୁଷ୍କ ଜଣାଯାଏ କିନ୍ତୁ ଗ୍ରୀଷ୍ମ ଶିକ୍ଷା ଶିବିରରେ ଏହା ପ୍ରତ୍ୟେକଙ୍କ ଅନ୍ତରକୁ ଶୀତଳ ରସରେ ପୂର୍ଣ୍ଣ କରିଦିଏ । ତାହା ନିଜେ ଉପଲବ୍ଧି ନକଲେ ଜାଣି ହେବ ନାହିଁ ।

ଶିବିରରେ କେହି କାହାକୁ କିଛି ନ କହିଲେ ମଧ୍ୟ ସଦାବେଳେ ସମ୍ପୂର୍ଣ୍ଣ ନିରବତା ବିରାଜୁଥାଏ । ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ଅପରାହ୍ନର ଜଳଯୋଗ ଓ ରାତ୍ରି ଖାଦ୍ୟ ନିୟମିତ ଭାବେ, ଶୃଙ୍ଖଳିତ ଭାବେ, ସ୍ନେହ ଶ୍ରଦ୍ଧାର ସହ ପରିବେଷଣ କରାଯାଇଥାଏ । ଅପରାହ୍ନର ଜଳ ଯୋଗ ବେଳେ ଅତି ଦାମିକା ଓ ଅତି ସୁସ୍ୱାଦୁ ଆଇସ୍‌କ୍ରିମ ପରିବେଷଣ ହୁଏ ଏବଂ ଛାତ୍ରଛାତ୍ରୀ ମାନଙ୍କ ମନୋରଞ୍ଜନ ପାଇଁ ଅତି ଉନ୍ନତ ଧରଣର ବ୍ୟାଣ୍ଡବାଜା ପ୍ୟାରେଡ଼ ସହ ଶୁଣାଇବାର ବ୍ୟବସ୍ଥା କରାଯାଏ । କେଉଁ ଦିନ ଭଗବାନ ପିଲା ମାନଙ୍କ ଖୁସି ପାଇଁ କ'ଣ ରଖିଛନ୍ତି ତାହା ପୂର୍ବରୁ କେହି କଳନା ମଧ୍ୟ କରିପାରନ୍ତି ନାହିଁ । ବିଶିଷ୍ଟ ବକ୍ତା ମାନଙ୍କ ମଧ୍ୟରେ ଭାରତର ସୁନାମଧନ୍ୟ ବିଶ୍ୱବିଦ୍ୟାଳୟର କୁଳପତି ତଥା ଆଦର୍ଶ ପ୍ରଫେସର ମାନେ ଥାଆନ୍ତି । ଅତି ସୁନାମପ୍ରାପ୍ତ ସମ୍ବାଦ ପତ୍ରର ସମ୍ପାଦକ, ବିଶିଷ୍ଟ ଶିଳ୍ପପତି ବିଭିନ୍ନ ରାଜ୍ୟର ରାଜ୍ୟପାଳ, ତଥା ଆଦର୍ଶ ସ୍ଥାନୀୟ ରାଜନୀତିଜ୍ଞମାନେ ପିଲାମାନଙ୍କୁ ଜ୍ଞାନ ଗର୍ଭକ ସମ୍ଭାଷଣମାନ ପ୍ରଦାନ କରନ୍ତି । ବେଳେବେଳେ ପୃଥିବୀର କେତେକ ଦେଶର ବିଜ୍ଞ ବ୍ୟକ୍ତି ତଥା ଆନ୍ତର୍ଜାତିକ ସ୍ତରର ବୈଜ୍ଞାନିକମାନେ ତାଙ୍କ ଜୀବନାନୁଭୂତି ପ୍ରଦାନ କରିଥାନ୍ତି । ଏସବୁ କରିବାର ମୁଖ୍ୟ ଉଦ୍ଦେଶ୍ୟ ଥାଏ । ଆମ ଦେଶର ପିଲାମାନେ ନିଜ ଦେଶକୁ ଭଲ ପାଆନ୍ତୁ । ଅନ୍ୟ ଦେଶକୁ ଘୃଣା ନ କରନ୍ତୁ । ପିତାମାତା କିପରି ନିଜକୁ ଧନ୍ୟ ମନେକରିବେ ସେହି ଲକ୍ଷରେ ପୁତ୍ରକନ୍ୟା ଆଦର୍ଶ ଉଦାହରଣ ସୃଷ୍ଟି କରନ୍ତୁ । ଦେଶର ଉନ୍ନତି ପିଲାଙ୍କର ଧ୍ୟେୟ ହେଉ । ନିଜ ଦେଶର ଇତିହାସ, ବେଦ, ଉପନିଷଦ ଓ ପ୍ରସ୍ଥାବ ତ୍ରୟୀର ବାର୍ତ୍ତା କ'ଣ ତାହାକୁ ଜାଣି ତଦନୁଯାୟୀ ପିଲାମାନେ ପିଲା ବୟସରୁ ତାହାକୁ ଅଭ୍ୟାସ କରନ୍ତୁ । ଧୀରେ ଧୀରେ ପ୍ରତ୍ୟେକ ଜିଲ୍ଲାରେ ଅନୁରୂପ ଗ୍ରୀଷ୍ମ ଶିକ୍ଷା ଶିବିରମାନ ଆୟୋଜନ କରାଯାଉଛି । ଓଡ଼ିଶାରେ ପ୍ରତ୍ୟେକ ଜିଲ୍ଲା ପିଲାମାନଙ୍କୁ ଏହି ସୁଯୋଗ ଦେବା ଲକ୍ଷରେ ସଂଗଠନ ଏହି ଖର୍ଚ୍ଚ ବହୁଳ କାର୍ଯ୍ୟକ୍ରମ ଚଳାଇ ରଖିଛନ୍ତି ଅବଶ୍ୟ କମ୍ ଦିନ ପାଇଁ । ତଥାପି ଭଗବାନଙ୍କ ସଂକଳ୍ପ ବଳରେ ଏହାର ଛାପ ଖୁବ୍ ଗଭୀର ଭାବରେ ପିଲାଙ୍କ ହୃଦୟ ପରିବର୍ତ୍ତନ କରିବାରେ ସାହାଯ୍ୟ କରେ । ଏହାର ଆୟୋଜକ, ପରିଚାଳନା, ସମ୍ପାଦନା ତଥା ଛାତ୍ରଛାତ୍ରୀମାନଙ୍କ ଜୀବନରେ ଆଧ୍ୟାତ୍ମିକ ପ୍ରଭାବ ପକାଇବା କେବଳ ଭଗବାନଙ୍କ ଦିବ୍ୟ ସଂକଳ୍ପ ଯୋଗୁଁ ହିଁ ହୋଇପାରିଥାଏ ।


ଅଲିଶା ବଜାର, କଟକ,
ମୋ: ୯୩୩୭୨୪୨୯୫୫





## 'ଠ' ଅ

### ଜିତେନ୍ଦ୍ର କୁମାର ବେହେରା

'ଠ'
ଠ' ଅ ପରିତ ଜୀବନ
ଜୀବନ ବି ଠ' ଅ ପରି
ଯେଉଠୁ ଅୟମାରମ୍ଭ
ପୁଣି ସେଇଠାରେ ବିଲୟ।

କେବଳ ତାର ଉପକ୍ରମଣିକା
ଆଉ ଉପସଂହାରର ମଧ୍ୟାନ୍ତରରେ
ଜୀବନ ବେଳେ ବେଳେ ଥେସିସ
ଆଉ ଦୁଃଖର ମିଥ୍।

ମୋ ପୁଅର କଞ୍ଚା ହାତର
ଭଙ୍ଗା ମାଟି ସିଲଟରେ
ଠ' ଅ ର ପରିଧି ରେ କୟେଦ
ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର।

ଗିରି ଗମ୍ଭାରୀ ଭିତରେ
ଠ' ଅ ପରି ଚକା ଚକା ଆଖିରେ
ତରାଟି ଚାହିଁଛି ସଚରାଚର।

ଆଉ ଏ ଠ' ଅ ର ଭିତରେ
ଝୁଲନ୍ତା ପେଣ୍ଡୁଲମ ହୋଇ
ଶୂନ୍ୟରେ ଝୁଲୁଛି ସାରା ସୃଷ୍ଟି
ସେଇ ସୃଷ୍ଟି ଭିତରେ ତ
ସବୁ ପ୍ରାପ୍ତି ଆଉ ସବୁ ମୁକ୍ତି ।


କବି କୁଟୀର, ଡିଆଟିକିରୀ
ବିଞ୍ଝାରପୁର, ଯାଜପୁର
ମୋ - ୬୩୭୦୦୫୨୦୧


## କର - କୋଷ୍ଠୀ - କପାଳ

### ନିରଞ୍ଜନ ସାହୁ

କିଏ ଜାଣେ କେବେ କାହା
ଜୀବନରେ
କେମିତି ଘଟଣା ଘଟିବ
ଭବିତବ୍ୟ କଥା କେ' କହି ପାରିବ
ଏମିତି ସେମିତି କଟିବ ।

କର କୋଷ୍ଠୀ କପାଳରେ
ଲେଖାଥାଏ
ଆମରି ଭାଗ୍ୟର କଥା
ସାମୁଦ୍ରିକ ପାଠ, ଜ୍ୟୋତିଷ ବିଚାର
କହିଥାଏ କାଳେ ଯଥା
ପ୍ରତିକାର କଲେ ଏମିତି ସେମିତି
ଯେତେ ରିଷ୍ଟ ଥିବ ହଟିବ ।

ସବୁ ଗଣନାକୁ ଭୁଲ ପ୍ରମାଣିତ
ସମୟ ହିଁ କରି ଦିଅଇ
ବୋକାଙ୍କ ପରିକା ଚାହିଁଇ ମଣିଷ
ଭାଗ୍ୟ ବାଟ କାଢି ନିଅଇ
କପାଳରେ କର ମାରିମାରି ଯାହା
ବିଧାତା ବିରୁଦ୍ଧେ ରଚିବ ।


ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩


## ପ୍ରିୟମ୍ବଦାର ଚିଠି

### ବାବୁଲୁ ପଧାନ



ହେ ମୋର ଗହନ ପ୍ରାଣର ଆତ୍ମା,
ସଢ଼େଇ ଖେଳର ଅଧେ ଜହ୍ନ
ଏ ଆଖିରୁ ଉଜେଇ ଦେଉଛି
ଅସରନ୍ତି ଲୋଡ଼ିବାପଣ-
ସାଦରେ ରଖିବ ସଖୀ ଗୋ
ମୋର ଉଲୁସୁଲ୍ ହୃଦୟର ସ୍ପନ୍ଦନ ।

ମୋର ବିଶ୍ୱାସର ନିଶ୍ୱାସ କହେ
ତମଦେଇ ଆବିଷ୍କୃତ ପୃଥିବୀରେ
ବସିଥିବ ବସନ୍ତର ହାଟ
ଭୁରୁଭୁରୁ ମଳୟରେ ଡେଣାବାନ୍ଧି
ଉଡୁଥିବେ
ଆକଟଶୂନ୍ୟ ଡହଡହ ହସ ।

ସେ ଦିନ,ତମର ପାଦ ହଳକ
ଡେଇଁ ଯିବାପରେ ଏରୁଣ୍ଡିବନ୍ଧ,
ହଠାତ୍ ବଦଳିଗଲା ପାଗ
ବିନା ମୌସୁମୀରେ, ବିନା ମେଘରେ
କୋଟିଏ ଆଖିରୁ ହେଲା ଅଜସ୍ର
ବର୍ଷା,
ତୁହା ତୁହା ବର୍ଷାରେ ଓଦା ହେଲା
ସମୟର ଦେହ,
ଦେଖୁଦେଖୁ ପ୍ରଜାପତିର ଡେଣା ଭାଙ୍ଗି
ଗଲା
ଉଭେଇ ଗଲା ଇନ୍ଦ୍ରଧନୁର ରଙ୍ଗ ।

ତମେ ଚାଲି ଗଲାପରେ, ଦରଜାକୁ
ଫିଟେଇଦେଇ
ତମ ଲେଉଟା ପାଦକୁ ଯଗିବସିଛି -
ଅନେକ ସର୍ତ୍ତହୀନ ପ୍ରତିଶ୍ରୁତିଙ୍କ ସହ;
ଗାଢ଼ ରାତ୍ରିର ଗଭୀର ପ୍ରହରରେ
ସବୁବେଳେ ନିରୋଳାରେ ବସୁଛି,
ଦେଖୁଛି ଅଣ୍ଟା ଭିଡ଼ି ହସୁଥିବା, ବତୁରା
ଦିନର ସମୁଦ୍ରକୁ !
ଏ ଜିଭରୁ ଶବ୍ଦ ଛଡ଼େଇ ନେଇ ଥିବା
ଦୁର୍ଭାଗ୍ୟର କଳା ମୁହଁକୁ ।

କେତେ ଯେ ଘାତ, ପ୍ରତିଘାତ ସହ
ଯୁଝୁଛି ମୁଁ ପ୍ରତିକ୍ଷଣେ !
ସବୁ ରାତିରେ ନିଜକୁ କଚାଡ଼ିଦିଏ,
ଭାଙ୍ଗିଦିଏ ଚରାଚର ପୃଥିବୀକୁ
ଭୋର୍ ସକାଳରୁ ପୁଣି,
ଲାଲ୍ ଆଖିକୁ ଉଠେଇବାକୁ ପଡ଼େ
ନିଜକୁ ନିଜେ ପୁଣିଥରେ ଗଢ଼ିବାକୁ
ପଡ଼େ।

ଧିରେଧିରେ ବୟସର, ଆୟୁଷ ବି
ଭାସି ଯାଉଛନ୍ତି-
ଆମେ ଗଣୁଥିବା ତାରା, ନକ୍ଷତ୍ର ଆଦି
ମରିମରି ଆସିଲେଣି !
ଆତ୍ମହତ୍ୟା କରିଥିବା ଗଦାଗଦା ଆଶା
ଓ ପ୍ରତୀକ୍ଷାର,
ପ୍ରେତଙ୍କ ଦେହରୁ ବାହାରିଲାଣି,
ଦୁର୍ଗନ୍ଧ ଓ ଚିତ୍କାର !

ତଥାପି ମୁଁ ହରେଇନି
ଏ ଦେହ, ମନ ଓ ପ୍ରାଣକୁ !
ସଭିଏଁ ଏକାଠି ଅଛୁ ଅପେକ୍ଷାରେ,
ବାସ୍ ତମେ ଥରେ ଆସିଲା ପରେ
ଆଉଜି ଧରିବୁ ପ୍ରାଣପଣେ
ତମକୁ ହଜେଇଦବୁ, ସବୁଦିନ ପାଇଁ
ଏଇ ସ୍ନେହାତୁର ବକ୍ଷରେ ।

ପବନ ହାତରେ ଖବର ପଠେଇଥିଲି
ପରା
ବୋଧହୁଏ ! ମୋ ଅଜାଣତରେ,
କେହି ଜଣେ ଅଚିହ୍ନା ବଇରୀ
ତାକୁ ଗିଳିଦେଇଗଲା ।
ମେଘକୁ ଆତୁରେ ପଚାରିଲି ଯେବେ-
ତମର ଠିକଣା,
ମୁହଁ ମୋଡ଼ିଦେଇ, ଖୁବ୍ ଗର୍ଜିଦେଲା !

ଆଉ କ'ଣ ବା କରିବି କହୁନ ତମେ ?
ସଖି ଗୋ ମୋର ଡେଣା ନାହିଁ ଯେ,
ଉଡ଼ିଯାଇ ପାର୍ ହେବି-ତେର ନଈ,
ସାତ ସମୁଦ୍ର;
ସୁତରାଂ ଲେଖୁଛି ଚିଠି
ଲୁହ ଓ କଜ୍ଜ୍ୱଳ ମିଶା କଳା ଅକ୍ଷରରେ
ତମକୁ ଖୋଜୁଥିବା ଶବ୍ଦରେ ଶବ୍ଦରେ।

କଉଠି ହଜିଲ ଯେ, ଖୋଜି ପାଉନି
ତମର ଠିକଣା !
ତଥାପି ଲେଖୁଛି ଚିଠି
ଯଦି ଚିଠି ପାଅ, ଚିଠି ଫେରେଇବାକୁ
ଚେଷ୍ଟା କରିବ ସଦା
'ଇତି'
ତମ ବାଲିଘରର ଅଧେ ଜହ୍ନ
ତମ ହୃଦୟର ପ୍ରିୟମ୍ବଦା ।


ଗବେଷକ ଭାଷା ଓ ସାହିତ୍ୟ ବିଭାଗ,
ଫକୀର ମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର
ମୋ-୬୩୭୧୩୨୭୭୫୯

# ଘରର ମୁଖ୍ୟ ଦ୍ୱାରରେ ରଖନ୍ତୁ ଏହି ୬ଟି ଜିନିଷ: ମା' ଲକ୍ଷ୍ମୀଙ୍କର ହେବ ଆଗମନ

**ବାସ୍ତୁ ଶାସ୍ତ୍ର ସକରାତ୍ମକ ଏବଂ ନକାରାତ୍ମକ ଶକ୍ତି ଉପରେ ଆଧାରିତ । ସକରାତ୍ମକ ଶକ୍ତି ଘରେ ସୁଖ ଏବଂ ସମୃଦ୍ଧତା ଆଣିଥାଏ ଯେତେବେଳେ ନକାରାତ୍ମକ ଶକ୍ତି ଜୀବନରେ ଅନେକ ସମସ୍ୟା ଆଣିଥାଏ । ବାସ୍ତୁ ଅନୁସାରେ ଘରର ମୁଖ୍ୟ ଦ୍ୱାରରେ କିଛି ଜିନିଷ ରଖିବା ଦ୍ୱାରା ଅର୍ଥ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ ।**

**ଯଦି ଆପଣ ମଧ ନୂଆ ବର୍ଷରେ ମା' ଲକ୍ଷ୍ମୀଙ୍କର ଆଶୀର୍ବାଦ ପାଇବାକୁ ଚାହୁଁଛନ୍ତି ଏବଂ କୌଣସି ପ୍ରକାର ଆର୍ଥିକ ସଙ୍କଟରୁ ଦୂରେଇ ରହିବାକୁ ଚାହୁଁଛନ୍ତି । ତେବେ ନିଶ୍ଚିତ ଭାବରେ ବାସ୍ତୁ ସମ୍ବନ୍ଧୀୟ ଏହି ପଦକ୍ଷେପଗୁଡିକ ଆପଣାନ୍ତୁ। ନୂତନ ବର୍ଷର ଆଗମନ ପୂର୍ବରୁ, ବାସ୍ତୁ ଅନୁସାରେ ଏହି ଜିନିଷଗୁଡ଼ିକୁ ଘରର ମୁଖ୍ୟ ଦ୍ୱାରରେ ରଖିଲେ ଆପଣଙ୍କ ଘରେ ମା' ଲକ୍ଷ୍ମୀଙ୍କର ଆଗମନ ହେବ ।**



୧. ଆର୍ଥିକ ଅବସ୍ଥା ଭଲ ହେବା ପାଇଁ ଘରେ କୌଣସି ବାସ୍ତୁ ତ୍ରୁଟି ରହିବା ଉଚିତ୍ ନୁହେଁ । ନୂଆବର୍ଷର ଆଗମନ ପୂର୍ବରୁ, ଘରର ସମସ୍ତ ତ୍ରୁଟି ଦୂର କରିବା ପାଇଁ ପଦକ୍ଷେପ ନିଅନ୍ତୁ । ଘରର ମୁଖ୍ୟ ଦ୍ୱାରରେ ଏକ ସ୍ୱସ୍ତିକ ଚିହ୍ନ ତିଆରି କରିବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ଆସିଥାଏ ।

୨. ଘରର ମୁଖ୍ୟ ଦ୍ୱାରର ଡାହାଣ ପାର୍ଶ୍ୱରେ ଶୁଭ-ଲାଭର ଚିହ୍ନ ଆଙ୍କିବା ଦ୍ୱାରା ଘରର ସଦସ୍ୟଙ୍କୁ ଲାଭ ମିଳିଥାଏ । ଏହା କରିବା ଦ୍ୱାରା ଘରର ନକାରାତ୍ମକ ଶକ୍ତି କମିଯାଏ ଏବଂ ଆର୍ଥିକ ସ୍ଥିତି ମଧ ପୂର୍ବ ଅପେକ୍ଷା ଭଲ ହୋଇଯାଏ ।

୩. ସନାତନ ଧର୍ମରେ ତୁଳସୀ ପତ୍ରକୁ ପବିତ୍ର ବୋଲି ମାନନ୍ତି । ତୁଳସୀ ଭଗବାନ ବିଷ୍ଣୁଙ୍କର ଅତ୍ୟନ୍ତ ପ୍ରିୟ । ତୁଳସୀଙ୍କୁ ମା' ଲକ୍ଷ୍ମୀଙ୍କ ଅନ୍ୟ ରୂପ ଭାବରେ ମଧ ବିବେଚନା କରାଯାଏ। ବାସ୍ତୁ ଶାସ୍ତ୍ରୀଙ୍କ ଅନୁଯାୟୀ, ଘରର ମୁଖ୍ୟ ଦ୍ୱାର ସାମ୍ନାରେ ତୁଳସୀ ଗଛ ଲଗାଇବା ଦ୍ୱାରା ଘରର ଆର୍ଥିକ ଅବସ୍ଥା ସୁଦୃଢ ହୋଇଥାଏ ।

୪.ପ୍ରତ୍ୟେକ ଶୁଭ କାମରେ, ଘରର ମୁଖ୍ୟ ଦ୍ୱାରରେ ଆମ୍ବ ପତ୍ରର ମାଳ ବନ୍ଧା ଯାଇଥାଏ । ସନାତନ ଧର୍ମରେ ଏହା ଅତ୍ୟନ୍ତ ପବିତ୍ର ବୋଲି ମାନିଥାନ୍ତି । ବିଶ୍ୱାସ କରାଯାଏ ଯେ ଏହା ଘରକୁ ଶୁଭଫଳ ଦେଇଥାଏ । ଏହାକୁ ଲଗାଇଲେ ମା' ଲକ୍ଷ୍ମୀଙ୍କର ମଧ ଆଗମନ ହୋଇଥାଏ ।

୫. ଘରର ଆର୍ଥିକ ସ୍ଥିତିକୁ ମଜବୁତ କରିବା ପାଇଁ ଭଗବାନ ଶୁକ୍ରଙ୍କୁ ପ୍ରସନ୍ନ କରିବା ଆବଶ୍ୟକ । ଘରର ମୁଖ୍ୟ ଦ୍ୱାରର ଉଭୟ ପାର୍ଶ୍ୱରେ ସୁଗନ୍ଧିତ ଫୁଲର ହାଣ୍ଡି ବସାନ୍ତୁ ଏବଂ ପ୍ରତିଦିନ ପାଣି ଦିଅନ୍ତୁ । ଏହା କରିବା ଦ୍ୱାରା ଧନର ଦେବୀ ମା' ଲକ୍ଷ୍ମୀଙ୍କର ଘରେ ଆଗମନ ହୋଇଥାଏ ।

୬. ଘରେ ସକରାତ୍ମକ ଶକ୍ତି ପାଇଁ ସୂର୍ଯ୍ୟଙ୍କ ଆଶୀର୍ବାଦ ପାଇବା ଆବଶ୍ୟକ । ବାସ୍ତୁ ଶାସ୍ତ୍ରୀଙ୍କ ଅନୁଯାୟୀ, ଯଦି ଘରର ମୁଖ୍ୟ ଦ୍ୱାରରେ ସୂର୍ଯ୍ୟ ଯନ୍ତ୍ରକୁ ରଖାଯାଏ, ତେବେ ଏହା ଘରେ ଥିବା ନକାରାତ୍ମକ ଶକ୍ତିକୁ ନଷ୍ଟ କରିଦିଏ । ଏହା କରିବା ଦ୍ୱାରା ଘରର ଆର୍ଥିକ ଅବସ୍ଥା ଦୂର ହୋଇଯାଏ ।

# ନିଶ-ଦାଢ଼ି ରଖିଥିବା ବ୍ୟକ୍ତିଙ୍କୁ କ୍ୟାନ୍ସର ହେବାର ସମ୍ଭାବନା କମ

ନୂତନ ପିଢ଼ି ଆପଣଉଛି ଆଧୁନିକ ପରମ୍ପରା ଓ ରୀତିନୀତି । ଆଜିକାଲି ନିଶ ଦାଢି ରଖିବା ଏକ ଟ୍ରେଣ୍ଡରେ ପରିଣତ ହୋଇଛି । ଅନ୍ୟପଟେ ଚେହେରାକୁ ଦିନରେ ଗୋଟେ ଥରରୁ ଅଧିକ ଧୋଇଲେ ତ୍ୱଚା ଶୁଷ୍କ ହୋଇଯାଏ । ଏଥିପାଇଁ ଚେହେରାକୁ ସକାଳ କିମ୍ବା ରାତିରେ ଥରେ ୱାସ୍ କରିବା ଉଚିତ । କିନ୍ତୁ ମନେ ରଖନ୍ତୁ ଦୁଇ ଥର ୱାସ୍ କରିବେ ନାହିଁ। ଏମିତି କଲେ ଏହା ତ୍ୱଚାକୁ କ୍ଷତି ପହଁଚାଇଥାଏ । ଚେହେରାକୁ କ୍ଲିନିଂ କରିବା ସମୟରେ ଗରମ ପାଣିର ବ୍ୟବହାର କରନ୍ତୁ ନାହିଁ ଏହାଦ୍ୱାରା ତ୍ୱଚା ଆହୁରି ଶୁଷ୍କ ହୋଇଯାଇଥାଏ । ଥଣ୍ଡା ପାଣି କିମ୍ବା ହାଲକା ଉଷୁମ ପାଣିର ବ୍ୟବହାର କରିପାରିବେ ।

ବର୍ତ୍ତମାନ ସମୟରେ ପ୍ରଦୂଷଣ ସ୍ତର ବହୁତ ମାତ୍ରାରେ ବଢ଼ିଚାଲିଛି । ଏହି କାରଣରୁ ରୋଗ ହେବା ସହିତ ପ୍ରଦୂଷଣ ତ୍ୱଚାକୁ ବହୁତ ମାତ୍ରାରେ ପ୍ରଭାବିତ କରିଥାଏ ଏବଂ କ୍ଷତି କରିଥାଏ । ଖାସ୍ କରି ଏହା ସେହି ବ୍ୟକ୍ତିଙ୍କୁ ଅଧିକ କ୍ଷତି ପହଁଚାଇଥାଏ ଯେଉଁମାନେ ବାଇକ୍ ଚଲାଉଛନ୍ତି । ଏହି କାରଣରୁ ପୁରୁଷଙ୍କ ତ୍ୱଚାରେ ଉଜ୍ଜ୍ୱଳତା ଏବଂ ନମନୀୟତା ଦେଖାଯାଏ ନାହିଁ ।

କଥାରେ ଅଛି ପୁରୁଷଙ୍କ ପୁରୁଷତ୍ୱ ତାଙ୍କ ନିଶରୁ ଜଣାପଡିଥାଏ । ଏପରିକି ପୁରୁଷମାନେ ନିଶ ରଖିବା ଦ୍ୱାରା ଖୁବ ଗର୍ବ ଅନୁଭୂତ କରିଥାନ୍ତି । ଯଦି ଆପଣଙ୍କୁ ମଧ ନିଶ-ଦାଢି ରଖିବା ପସନ୍ଦ ତେବେ ଏନେଇ ଆଜି ଆମେ ଆପଣଙ୍କୁ ଜବରଦସ୍ତ ଫାଇଦା ବିଷୟରେ କହିବାକୁ ଯାଉଛୁ । ଆସନ୍ତୁ ଜାଣିବା ପୁରୁଷଙ୍କ ନିଶ- ଦାଢି ସମ୍ବନ୍ଧୀୟ କିଛି ସ୍ୱାସ୍ଥ୍ୟଗତ ଫାଇଦା ।

-ଦାଢ଼ି-ନିଶ ରଖିବା ତ୍ୱଚା ପାଇଁ ଖୁବ୍ ଲାଭକାରୀ ହୋଇଥାଏ । ଯେଉଁ ବ୍ୟକ୍ତି ମାନେ ଦାଢ଼ିନିଶ ରଖଥାନ୍ତି ତାଙ୍କର ତ୍ୱଚା ଶୁଷ୍କ ହୋଇନଥାଏ ।

-ଦାଢ଼ି-ନିଶ ରଖିବା ବ୍ୟକ୍ତିଙ୍କୁ କ୍ୟାନ୍ସର ହେବାର ଆଶଙ୍କା କମ ରହିଥାଏ । କାରଣ ଏହା ଦ୍ୱାରା ସୂର୍ଯ୍ୟଙ୍କ ଅଲଟ୍ରାଭାଏଲେଟ ରଶ୍ମିରୁ ରକ୍ଷା କରିଥାଏ ।

-ଦାଢ଼ି-ନିଶ ଦ୍ୱାରା କୁଞ୍ଚିତ ରେଖା କମ ହୋଇଥାଏ । ଏହା ଦ୍ୱାରା ଚେହେରା ସଫା ରହିଥାଏ ।

-ଏହା ଚେହେରାକୁ ଧୂଳି ମାଟିରୁ ରକ୍ଷା କରିଥାଏ । ଯାହା ଫଳରେ ସଂକ୍ରମଣ ଜନିତ ରୋଗ କମ ହୋଇଥାଏ । ଯୁବତୀଙ୍କୁ ଦାଢି ରଖିଥିବା ଯୁବକ ବହୁତ ପସନ୍ଦ ଆସିଥାନ୍ତି । ଯଦି ଆପଣ ଝିଅମାନଙ୍କୁ ଆକର୍ଷିତ କରିବାକୁ ଚାହୁଁଛନ୍ତି, ତେବେ ଦାଢି ନିଶ ନିଶ୍ଚିତ ରଖନ୍ତୁ ।



# ବୟସ ଅନୁସାରେ କେତେ ରହିବା କଥା ବ୍ଲଡ ସୁଗାର ମାତ୍ରା ?

ବର୍ତ୍ତମାନ ସମୟରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏହାର କାରଣ ହେଉଛି ଖରାପ ଖାଦ୍ୟ ଖାଇବାର ଅଭ୍ୟାସ । ବର୍ତ୍ତମାନ ଲୋକମାନେ ବହୁତ କମ୍ ବୟସରେ ଏହାର ଶିକାର ହେଉଛନ୍ତି । ଯେଉଁଥିପାଇଁ ସେମାନଙ୍କୁ ସେମାନଙ୍କର ଅସ୍ୱାସ୍ଥ୍ୟକର ଖାଦ୍ୟ ବିଷୟରେ ଅନେକ ସତର୍କତା ଅବଲମ୍ବନ କରିବାକୁ ପଡିବ । ତେବେ ଜାଣି ରଖନ୍ତୁ ବୟସ ଅନୁଯାୟୀ ରକ୍ତରେ ଶର୍କରା ସ୍ତର କ'ଣ ହେବା ଉଚିତ୍ । ଯାହାଫଳରେ ଆପଣ ନିଜର ଯତ୍ନ ନେଇ ପାରିବେ । ୧୮ ବର୍ଷରୁ ଅଧିକ ଲୋକଙ୍କ ରକ୍ତରେ ଶର୍କରା ସ୍ତର ଖାଦ୍ୟ ଖାଇବା ପରେ ୧୪୦ମିଲିଗ୍ରାମ ରହିବା ଉଚିତ୍ । ଏବଂ ଯଦି ଆପଣ ଉପବାସ କରୁଛନ୍ତି ତେବେ ଏହା ଡିସିଲିଟର ପିଛା ୯୯ ମିଲିଗ୍ରାମ ହେବା ଉଚିତ । ୪୦ ବର୍ଷ ବୟସ ଅତିକ୍ରମ କରିବା ପରେ, ଲୋକମାନେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରିବା ଉଚିତ୍ । ଯେଉଁମାନେ ୪୦ ରୁ ୫୦ ବର୍ଷ ବୟସରେ ଥାନ୍ତି ଏବଂ ମଧୁମେହ ରୋଗୀ ହୋଇଥାନ୍ତି ତେବେ ଖାଦ୍ୟ ଖାଇବା ପୂର୍ବରୁ ସେମାନଙ୍କର ସୁଗାର ସ୍ତର ୯୦ ରୁ ୧୩୦ ମିଲିଗ୍ରାମ ହେବା ଉଚିତ୍ । ଖାଦ୍ୟ ଖାଇବା ପରେ ୧୪୦ ମିଲିଗ୍ରାମରୁ କମ୍ ଏବଂ ରାତ୍ରୀ ଭୋଜନ ପରେ ୧୫୦ ରହିବା ଭଲ ବୋଲି କୁହାଯାଏ । ଏହାଠାରୁ ଅଧିକ ହେଲେ ଏହା ଚିନ୍ତାର ବିଷୟ ପାଲଟିଥାଏ । ଏହି ପରିସ୍ଥିତିରେ ଡାକ୍ତରଙ୍କୁ ତୁରନ୍ତ ଦେଖାଇବା ଉଚିତ୍ ।




ଯଦି ଆପଣ ବ୍ଲଡ ସୁଗାରର ରୋଗୀ ତେବେ ଖାଇବା ପିଇବାର ଶୈଳୀ ବଦଳାଇବା ଉଚିତ୍ । ତୁମର ଶାରୀରିକ କାର୍ଯ୍ୟକଳାପ ବୃଦ୍ଧି କରିବା ଉଚିତ୍ । ବ୍ୟାୟାମ ଆପଣଙ୍କ ଜୀବନଶୈଳୀର ଏକ ଅଂଶ ହେବା ଉଚିତ୍ । ଅଧିକ ଚିନି, ଲୁଣ, ଥଣ୍ଡା ପାନୀୟ, ମିଠା ଖାଇବା ଠାରୁ ଦୂରେଇ ରୁହନ୍ତୁ । ଅଧିକ କାର୍ବୋହାଇଡ୍ରେଟ୍ ଥିବା ଜିନିଷ ଖାଆନ୍ତୁ ନାହିଁ । ଆପଣଙ୍କ ଖାଦ୍ୟରେ ସାଲାଡ୍ ସାମିଲ କରିବା ଜରୁରୀ ।

# ସକାଳୁ କାହିଁକି ଖାଲି ପେଟରେ କଫି ପିଇବା ମନା: ହୋଇପାରେ ଅନେକ ସମସ୍ୟା

ଦୁନିଆରେ ବହୁତ ଲୋକ ଅଛନ୍ତି ଯିଏ ସକାଳୁ ଉଠିବା ମାତ୍ରେ ତାଙ୍କୁ ଥକାପଣ ଅନୁଭବ ହୋଇଥାଏ ବା ଉଠିବାକୁ ଇଛା ହୋଇନଥାଏ । ତେଣୁ ନିଦ ଭାଙ୍ଗିବା ପାଇଁ ବା ଆକ୍ଟିଭ ଅନୁଭବ କରିବା ପାଇଁ କଫି ସେବନ କରାଯାଇଥାଏ । କଫି ଢୋକେ ପିଇବା ମାତ୍ରେ ଫ୍ରେସ ଲାଗିବାକୁ ଆରମ୍ଭ କରିଥାଏ । ଏମିତି ମଧ ଲୋକ ଅଛନ୍ତି ଯିଏ ବିନା କଫିରେ ଦିନ ଆରମ୍ଭ କରିପାରନ୍ତି ନାହିଁ । ଆପଣ ଯଦି ସେହି ଲୋକ ମାନଙ୍କ ମଧରେ ଅନ୍ୟତମ ତେବେ ଆପଣ ନିଜ ଶରୀରକୁ କ୍ଷତି ପହଁଚାଉଛନ୍ତି । ତେବେ ଆସନ୍ତୁ ଜାଣିବା କାହିଁକି ଖାଲି ପେଟରେ କଫି ପିଆଯାଏ ନାହିଁ । ଏମିତି ବହୁତ କାରଣ ଅଛି ଯାହାଦ୍ୱାରା ସକାଳେ ଖାଲି ପେଟରେ କଫି ପିଇବା ହାନିକାରକ ଅଟେ । ଖାସକରି ମହିଳା ମାନଙ୍କୁ ଖାଲିପେଟରେ କଫି ସେବନ କରିବା ଅନୁଚିତ । କଫି ଖାଲି ପେଟରେ ପିଇଲେ ଆମ ଶରୀରରେ ଥିବା କୋର୍ଟିସୋଲ ହରମୋନ୍ ଲେବୁଲ୍ ବଢିଯାଇଥାଏ ଯାହା ଓଭ୍ୟୁଲୋସନ, ଓଜନ ଏବଂ ହରମୋନ୍ସ ଉପରେ ଖରାପ ପ୍ରଭାବ ପକାଇଥାଏ । ସକାଳୁ ଷ୍ଟ୍ରେସ ହରମୋନର ଲେବୁଲ ଅଧିକ ରହିଥାଏ । କଫିନ ସେବନ ଦ୍ୱାରା କର୍ଟିସୋଲ ହରମୋନ କମିବା ଯାଗାରେ ବଢିଯାଏ । କର୍ଟିସୋଲ ହରମୋନ ଆମ ଶରୀର ପାଇଁ ଲାଭକାରୀ ଅଟେ । ଯଦି ଆପଣ ଷ୍ଟ୍ରେସରେ ଅଛନ୍ତି ତେବେ କୋର୍ଟିସୋଲ ହରମୋନ ଉତ୍ପାଦନ ଅଧିକ ହୋଇଥାଏ । ଏହାଦ୍ୱାରା ଆପଣଙ୍କ ବ୍ଲଡ଼ ସୁଗାର ଲେବୁଲ ବଢି ଯାଇ ପାରେ, ଯାହା ଇନସୁଲିନ ହର୍ମୋନକୁ ବଢାଇପାରେ । ଶରୀରରେ କର୍ଟିସୋଲ ଅଧିକ ହେଲେ ଓଜନ ବୃଦ୍ଧି ହୋଇଥାଏ ଏବଂ ନିଦ ଜନିତ ସମସ୍ୟା ମଧ ଦେଖାଦେଇପାରେ । ଯେତେବେଳେ ଆମେ ରାତିରେ ଶୋଉଛୁ ସେତେବେଳେ ଆମକୁ ଶୋଷ ଲାଗିନଥାଏ । ତେଣୁ ଆମ ଶରୀରରେ ପାଣି ମାତ୍ରା ରାତିରେ କମିଯାଇଥାଏ ।

# ହଳଦୀର ଏହି ଚମତ୍କାରିତା ପ୍ରତିକାରକୁ ଆପଣାନ୍ତୁ : ଘରେ ବୃଦ୍ଧି ପାଇବ ସୁଖ ସମୃଦ୍ଧି

ଧାର୍ମିକ ରୀତିନୀତିରେ ଔଷଧୀୟ ଗୁଣରେ ଭରପୂର ହଳଦୀ ବ୍ୟବହାର କରିବା ଶୁଭ ବୋଲି ବିବେଚନା କରାଯାଏ । ଯେପରି ହଳଦୀ କ୍ଷୀର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ, ସେହିପରି ହଳଦୀର କିଛି ଉପଚାର ସୁଖ, ସମୃଦ୍ଧତା ଏବଂ ଶୁଭଫଳ ପାଇଁ ପ୍ରଭାବଶାଳୀ ଅଟେ । ହଳଦୀ ଚେହେରାର ରଙ୍ଗ ସହିତ ବ୍ୟକ୍ତିର ଭାଗ୍ୟକୁ ମଧ ଉଜ୍ଜ୍ୱଳ କରିପାରେ । ପଣ୍ଡିତ ଇନ୍ଦ୍ରମାନି ଘାନସାଲ ବ୍ୟାଖ୍ୟା କରିଛନ୍ତି ଯେ, ଶାସ୍ତ୍ରରେ ହଳଦୀକୁ ନେଇ ଏପରି କିଛି କୁହାଯାଇଛି ଯାହାଦ୍ୱାରା ଜୀବନରେ ସୁଖ ସମୃଦ୍ଧି ଏବଂ ସୌଭାଗ୍ୟ ପାଇପାରିବ । ତେବେ ଆସନ୍ତୁ ଜାଣିବା ହଳଦୀକୁ କିପରି ବ୍ୟବହାର କରିବେ ।

ଯଦି ତୁମର ଟଙ୍କା କୌଣସି ସ୍ଥାନରେ ଅଟକି ଯାଇଛି, ତେବେ ହଳଦୀ ର



ପ୍ରତିକାର ତୁମ ପାଇଁ ପ୍ରଭାବଶାଳୀ ହୋଇପାରେ । କିଛି ଚାଉଳ ଶସ୍ୟକୁ ହଳଦୀ ସହିତ ମିଶାଇ ରଙ୍ଗ କରନ୍ତୁ । ଏହା ପରେ ସେହି ରଙ୍ଗ ହୋଇଥିବା ଚାଉଳକୁ ଏକ ନାଲି କପଡ଼ାରେ ବାନ୍ଧି ନିଜ ପର୍ସରେ ରଖନ୍ତୁ । ଏହି ପ୍ରତିକାରରେ ଟଙ୍କା ଆଶୀର୍ବାଦ ପାଇବା ଆରମ୍ଭ କରିବ ଏବଂ ଶୀଘ୍ର ତୁମର ଅଟକାଯାଇଥିବା ଟଙ୍କା ମଧ ଫେରସ୍ତ ହେବ ।

ଯଦି ବୃହସ୍ପତି କୌଣସି ବ୍ୟକ୍ତିଙ୍କ ରାଶିଫଳରେ ଏକ ଅପ୍ରୀତିକର ସ୍ଥିତିରେ ଅଛନ୍ତି, ତେବେ ସେ ଗୁରୁବାର ଦିନ ହଳଦୀ ଏବଂ ବୁଟଡାଲି ଦାନ କରିବା ଉଚିତ୍ । ଏହା ସହିତ ଗୁରୁବାର ଭଗବାନ ବିଷ୍ଣୁଙ୍କୁ ପୂଜା କରାଯିବା ଉଚିତ୍। ଏହାଦ୍ୱାରା ଗୁରୁଙ୍କ କୃପା ଜୀବନରେ ସର୍ବଦା ରହିବ ।

# ଜୀବନର ସମସ୍ତ ସମସ୍ୟା ଦୂର କରିଥାଏ ଗଙ୍ଗା ଜଳ

ସନାତନ ଧର୍ମରେ ଗଙ୍ଗା ନଦୀ ମାତାର ମାନ୍ୟତା ପାଇଛି । ମାତା ଗଙ୍ଗା ମଧ ଭାରତର ପବିତ୍ର ନଦୀ ମଧରେ ଏକ ପବିତ୍ର ନଦୀ । ବିଶ୍ୱାସ ଅନୁଯାୟୀ, ଗଙ୍ଗା ନଦୀରେ ଗାଧୋଇବା ଦ୍ୱାରା ସମସ୍ତ ପାପ ଧୋଇଯାଏ । କୁହାଯାଏ ଯେ ଜଣେ ବ୍ୟକ୍ତି କେବଳ ଗଙ୍ଗା ଜଳର ସ୍ପର୍ଶ ଦ୍ୱାରା ସ୍ୱର୍ଗରେ ପହଞ୍ଚନ୍ତି । ଧାର୍ମିକ ବିଶ୍ୱାସ ଅନୁଯାୟୀ, ଗଙ୍ଗାଜଳ ଏତେ ଶକ୍ତିଶାଳୀ ଯେ ଜଣେ ବ୍ୟକ୍ତି ଯେକୌଣସି ପ୍ରକାରର ଭୁଲ କରନ୍ତି, କେବଳ ଏହାର ଛିଞ୍ଚିବା କିମ୍ବା ଗଙ୍ଗା ନଦୀରେ ଗାଧୋଇବା ଦ୍ୱାରା ତାଙ୍କର ପାପ ନଷ୍ଟ ହୋଇଯାଏ । ସନାତନ ଧର୍ମ ଗଙ୍ଗା ଜଳର ମହତ୍ୱ ରହିଛି । କୁହାଯାଏ ଯେ ଯେଉଁଠାରେ ଗଙ୍ଗା ଜଳ ଅଛି ତାର ଆଖପାଖରେ ସକରାତ୍ମକତା ରହିଥାଏ । ଗଙ୍ଗା ଜଳ ପାଇଁ ଏପରି ଅନେକ ଜ୍ୟୋତିଷ ଉପଚାର ଅଛି, ଗଙ୍ଗା ପାଣି ଛିଞ୍ଚିବା ଦ୍ୱାରା ସବୁ ସମସ୍ୟା ଦୂର ହେଇଥାଏ ।

ସୂଚନା ଅନୁସାରେ , ଯଦି କୌଣସି ବ୍ୟକ୍ତିଙ୍କ ଘର ସର୍ବଦା ବିବାଦରେ ଲାଗି ରହିଥାଏ , ତେବେ ପୂଜା ପରେ ସେ ତାଙ୍କ ଘରେ ଗଙ୍ଗା ପାଣି ଛିଞ୍ଚିବା ଉଚିତ୍ । ଏହା ସହିତ ଘରର ଅସୁବିଧା ମଧ ଦୂର ହେବ, ନକାରାତ୍ମକତା ମଧ ଦୂର ହୋଇ ସକାରାତ୍ମକତା ପ୍ରବେଶ କରିବ ।

ଗ୍ରହର ତ୍ରୁଟି ହଟାନ୍ତୁ: ଗ୍ରହ ଦୋଷ ରୋଗରେ ପୀଡିତ ବ୍ୟକ୍ତି ପୂଜା କରିବା ପରେ ପ୍ରତି ସୋମବାର ଭଗବାନ ଶିବଙ୍କୁ ଗଙ୍ଗା ପାଣିରେ ଅଭିଷେକ କରିବା ଉଚିତ୍ । ଏହାଦ୍ୱାରା ଗ୍ରହର ତ୍ରୁଟି ପାଇଁ ଯେଉଁ ସମସ୍ୟା ହୋଇଥିବା ସେଥିରୁ ମୁକ୍ତି ମିଳିବ ।

ଏହା ବ୍ୟତୀତ ଶନିବାର ଦିନ ଏକ ପାତ୍ରରେ ପାଣି ନିଅନ୍ତୁ ଏବଂ ସେଥିରେ କିଛି ଗଙ୍ଗା ଜଳ ମିଶାନ୍ତୁ । ବର୍ତ୍ତମାନ ଏହି ପାଣି ଅଶ୍ୱସ୍ତ ଗଛର ମୂଳରେ ଦିଅ । ଏହା ସହିତ ଆପଣ ଗ୍ରହର ତ୍ରୁଟି କାରଣରୁ ସୃଷ୍ଟି ହୋଇଥିବା ସମସ୍ୟାରୁ ମୁକ୍ତି ପାଇବେ ।

ଖରାପ ଦୃଷ୍ଟିରୁ ରକ୍ଷା ମିଳେ: ଯଦି ଘରେ ଛୋଟ ପିଲାମାନଙ୍କ ଉପରେ ଖରାପ ଦୃଷ୍ଟି ପଡିଛି , ତେବେ ପିଲା ଉପରେ ଗଙ୍ଗା ପାଣି ଛିଞ୍ଚନ୍ତୁ । ଏହି ପ୍ରତିକାର ସହିତ ଦୃଷ୍ଟିଦୋଷ ଦୂର ହେବ । କିନ୍ତୁ ଯଦି ପିଲାଟି ବହୁତ କାନ୍ଦୁଛି କିମ୍ବା ବିରକ୍ତ ହେଉଛି, ତେବେ ତାଙ୍କୁ ତୁରନ୍ତ ଡାକ୍ତରଙ୍କୁ ଦେଖାନ୍ତୁ ।

ଶୋଇବା ପୂର୍ବରୁ ଏହି ପ୍ରତିକାର କରନ୍ତୁ: ଶୋଇବା ପୂର୍ବରୁ ଆପଣଙ୍କ ବିଛଣାରେ ଗଙ୍ଗା ପାଣି ଛିଞ୍ଚନ୍ତୁ । ଏହା ସହିତ, ତୁମକୁ ଭଲ ନିଦ ହେବ, ଏବଂ ତୁମର ନିଦ ମଧ ଭାଙ୍ଗିବ ନାହିଁ ଏବଂ ତୁମେ ଖରାପ ସ୍ୱପ୍ନ ମଧ ଦେଖିବ ନାହିଁ ।



# ପରମ୍ପରା ଆଗରେ ଦରବୃଦ୍ଧି ଫିକା : ସାବିତ୍ରୀ ବଜାରରେ ଅସମ୍ଭାଳ ଭିଡ଼



ଭୁବନେଶ୍ୱର, ୧୭/୦୫ (ନି.ପ୍ର): ଆଉ ଦୁଇ ଦିନ ପରେ ପବିତ୍ର ସାବିତ୍ରୀ ଅମାବାସ୍ୟା। ଓଡ଼ିଆ ମହିଳାମାନଙ୍କ ସବୁଠୁ ବଡ଼ ଓଷା ବା ବ୍ରତ। ତେଣୁ ସାବିତ୍ରୀ ବଜାରରେ ଲାଗିଛି ଭିଡ଼। ଶାଢ଼ି, ଚୁଡ଼ିଠାରୁ ଆରମ୍ଭ କରି ଫଳ ବଜାର ସବୁଠି ଅସମ୍ଭାଳ ଭିଡ଼ ଜମିଲାଣି। ଚଳିତ ବର୍ଷ ସବୁ ଜିନିଷର ଦରବୃଦ୍ଧି ହୋଇଥିଲେ ବି ବଜାର ଗହଳି କମିବା ଦେଖାଯାଉନାହିଁ। ପ୍ରଥା ଓ ପରମ୍ପରା ପଛରେ ପଡ଼ିଯାଇଛି ଦରବୃଦ୍ଧି। ଧନୀ, ଗରିବ ସବୁ ବର୍ଗର ମହିଳାମାନେ ନିଜ ନିଜର ସମ୍ବଳ ଅନୁସାରେ ସାବିତ୍ରୀ ବଜାରରେ କିଣାକିଣି କରୁଥିବା ଦେଖିବାକୁ ମିଳୁଛି। ତେଣୁ ସହରର ମଲ୍, ମାର୍କେଟ୍ ବିଲ୍ଡିଂ, ହାଟ, ବଜାରଠାରୁ ଆରମ୍ଭ କରି ଗଳିକନ୍ଦିର ଛୋଟ ବଜାରରେ ବି ଜମୁଛି ସାବିତ୍ରୀ ବଜାର। ବିଧି ଅନୁସାରେ ସାବିତ୍ରୀ ଅମାବାସ୍ୟା ଦିନ ମହିଳାମାନେ ନୂଆ ଶାଢ଼ି, ଚୁଡ଼ି ସହ ଫଳ ନେଇ ଶିବ ମନ୍ଦିରକୁ ଯିବେ। ବିଭିନ୍ନ ପ୍ରକାର ଫଳ ପୂଜା ଏହି ବ୍ରତର ନିୟମ। ଏବର୍ଷ ଫଳ ବଜାରର ତାତି ବଡ଼ ଅସହ୍ୟ। ସବୁ ଫଳର ଦାମ ବଢ଼ିଛି। ଗୋଟିଏ ନଡ଼ିଆର ଦାମ୍ ଏବେ ୩୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ରହିଛି। କଦଳୀ ଡଜନ୍ ପିଛା ୬୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଅଛି। ସେହିପରି ଗୋଟା ସପୁରିର ଦାମ୍ ୫୦ଟଙ୍କା, ପଣସ ୧୫୦ ଟଙ୍କା, ଖଜୁରି କୋଳି ଡେମ୍ଫ ୫/୧୦ ଟଙ୍କା, ସପେଟା କିଲୋ ୧୦୦ଟଙ୍କା, ଆମ୍ବ ଦେଢ଼ କିଲୋକୁ ୧୦୦ ଟଙ୍କା, ଛୋଟ ଲିଚୁ ୧୫୦ରୁ ୧୮୦ଟଙ୍କା, ଜାମୁରୋଳ ଗୋଟା ୫ରୁ ୧୦ଟଙ୍କା, ଅଙ୍ଗୁର ୧୨୦ ରୁ ୧୬୦ ଟଙ୍କା, ସେଓ ୧୫୦ରୁ ୨୫୦ ଟଙ୍କା ଏବଂ କମଳା ୧୩୦/୧୪୦ ଟଙ୍କା ପଡୁଛି। ଏମିତିରେ ଜଣେ ମହିଳା ତାଙ୍କ ପୂଜା ଥାଳିରେ ସବୁ ଫଳରୁ କିଛି କିଛି ରଖିଲେ, ନିହାତି ୨୦୦ ଟଙ୍କାରୁ କମ୍ ଖର୍ଚ୍ଚ ହେବ ନାହିଁ। ୟୁନିଟ୍-୧ ହାଟର ଜଣେ ଫଳ ବ୍ୟବସାୟୀଙ୍କ କହିବା କଥା ଖରା ଅଧିକ ହେଉଥିବାରୁ ଜାମୁରୋଳ, ଲିଚୁ ଭଳି ଫଳ ଆଣି ହେଉନି। ତେବେ ଶେଷ ଦୁଇ ଦିନ ବେପାର ଆହୁରି ଭଲ ହେବ ଏବଂ ସବୁ ପ୍ରକାରର ଫଳ ବଜାରକୁ ଆଣିବାକୁ ପଡ଼ିବ। ଫଳ ବଜାର ଦରବୃଦ୍ଧିକୁ ନେଇ କିଛି ମହିଳାଙ୍କ କହିବା କଥା ବ୍ରତ ଆଗରେ ଦରବୃଦ୍ଧି କିଛି ନୁହେଁ। ବାଧିଲେ ବି କ'ଣ କରାଯିବ ? ବିଧି ତ ରଖିବାକୁ ପଡ଼ିବ। ଦରବୃଦ୍ଧି ହେଲା ବୋଲି କ'ଣ ପରମ୍ପରାକୁ ଭୁଲି ହେବ କି ବୋଲି ସେମାନେ କହିଛନ୍ତି। କମ୍ ପରିମାଣର ଫଳ ହେଉ ପଛେ କିଣିବାକୁ ପଡ଼ିବ ଏବଂ ପ୍ରଥା କାମ ଚଳାଇବାକୁ ପଡ଼ିବ। କେବଳ ଫଳ ବଜାର କାହିଁକି, ସାବିତ୍ରୀ ପୂଜା ସାମଗ୍ରୀର ଦାମ୍ ମଧ ଗତବର୍ଷ ଅପେକ୍ଷା ବଢ଼ିଛି। ପୂଜା ବ୍ରତ, ପାଟ ଫୁଲି, ଗୁଆ, ହରିଡ଼ା, ବାହାଡ଼ା, ମଥାବସା, ସିନ୍ଦୁର, କାଠ ପାନିଆ, ଦର୍ପଣ, କଳାମାଳି, ତୁଳା ଅଳତା, ସାଲୁ କନା ଓ ବ୍ରତ ବହି ଆଦି ଉପକରଣକୁ ନେଇ ସେଟ୍ ୧୦୦ଟଙ୍କା ପଡୁଛି। ଗତବର୍ଷ ଏହା ୬୦/୭୦ ଟଙ୍କାରେ ମିଳିଯାଉଥିଲା। ଏହି ସବୁ ପୂଜା ସାମଗ୍ରୀ ଅଲଗା ଅଲଗା କିଣିଲେ, ଦାମ ବଢ଼ିଯିବାର ସମ୍ଭାବନା ରହିଛି। ସେହିପରି ଶାଢ଼ି ବଜାରରେ ବି ଗତ କିଛିଦିନ ହେଲା ବେଶ୍ ଭିଡ଼ ପରିଲକ୍ଷିତ ହେଉଛି। ବେପାର ଜମୁଛି। ଏବର୍ଷ ବିଭିନ୍ନ ନୂଆ ଡିଜାଇନ୍‌ର ଶାଢ଼ି ବଜାରକୁ ଆସିଛି। ବହୁ ଦୋକାନରେ ସାବିତ୍ରୀ ଅଫର ରହିଥିବାରୁ ସେଠାରେ ଅଧିକ ଗହଳି ହେଉଛି। କେଉଁଠି ଶାଢ଼ିରେ ଶାଢ଼ି ଫ୍ରି ତ କେଉଁଠି ଦରରେ ସ୍ୱତନ୍ତ୍ର ରହାତି। ମଲ୍‌ଗୁଡ଼ିକରେ ସାବିତ୍ରୀ ସପିଙ୍ଗ୍ କଲେ ଟ୍ରଲି ବ୍ୟାଗ୍, ହ୍ୟାଣ୍ଡ ବ୍ୟାଗ୍ ଭଳି ଅଫର ମଧ ଉପଲବ୍ଧ ରହିଛି। ଚଳିତ ବର୍ଷ ଅରଗେଞ୍ଜା ମିନି ଫ୍ଲାୱାର ଶାଢ଼ି, ଜର୍ଜେଟ୍ ପ୍ରିଣ୍ଟ୍ ଶାଢ଼ି ଓ ଚିକନ୍‌କରି ଶାଢ଼ି, ବାଟି ପ୍ରିଣ୍ଟ ଶାଢ଼ିର ଚାହିଦା ଅଧିକ ଥିବା ଦେଖିବାକୁ ମିଳିଛି। ସାବିତ୍ରୀ ହାଟରେ ଲେଡିଜ୍ କର୍ଣ୍ଣରମାନେ ବି ପଛରେ ପଡ଼ିନାହାନ୍ତି। ମହିଳାମାନେ ଶାଢ଼ି ସହ ମ୍ୟାଚିଂ କରି ଚୁଡ଼ି ଓ ନେଲ୍ ପଲିସି କିଣୁଛନ୍ତି। ଏବର୍ଷ ଶଙ୍ଖା, ପଲା, ଷ୍ଟୋନ୍ ଚୁଡ଼ି, ରଙ୍ଗ ଚୁଡ଼ି, ପାଣି ଚୁଡ଼ି ଭଳି ସବୁର ଦର ବଢ଼ିଛି। ଏଡି ଷ୍ଟୋନ୍ ଥିବା ଚୁଡ଼ିର ଚାହିଦା ଅଧିକ ଥିବା ବେଳେ ବଡ଼ ୪ ଟିକିଆ ପଲା ପ୍ରତି ମହିଳାମାନେ ଅଧିକ ପସନ୍ଦ କରୁଛନ୍ତି।

## ଶିକ୍ଷୟିତ୍ରୀ ପାୟଲ ପଟ୍ଟନାୟକ ପାଇଲେ ଓଇଏସ୍

କନ୍ଧମାଳ, ୧୭/୦୫ (ନି.ପ୍ର): ବର୍ତ୍ତମାନ ଫୁଲବାଣୀ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ରୁଜାଙ୍ଗି ହାଇସ୍କୁଲର ସହକାରୀ ଶିକ୍ଷୟତ୍ରୀ ପାୟଲ ପଟ୍ଟନାୟକ ଓଡ଼ିଶା ଶିକ୍ଷା ସେବା ଅଧିକାରୀ (ଓଇଏସ୍) ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ ଦ୍ୱାରା ଅନୁଷ୍ଠିତ ପରୀକ୍ଷାର ଆଜି ଫଳାଫଳ ପ୍ରକାଶ ପାଇଥିବା ବେଳେ ସେ ୪୦ ନମ୍ବର ସ୍ଥାନ ଅକ୍ତିଆର କରିଛନ୍ତି। ପାୟଲ ବିବାହିତ ହୋଇଥିବା ବେଳେ ତାଙ୍କର ଗୋଟିଏ ତିନି ବର୍ଷର କୁନି ପୁଅ ମଧ ରହିଛି। ସ୍ୱାମୀ ସବ୍ୟସାଚୀ ଦାସ ବୌଦ୍ଧରେ ବ୍ଲକ କୃଷି ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ବାପା ପୂର୍ବତନ କର୍ମଚାରୀ ନେତା, ସମାଜସେବୀ ତଥା ଆଇନଜୀବୀ ବ୍ରଜକିଶୋର ପଟ୍ଟନାୟକ ଓ ମାଆ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଫୁଲବାଣୀରେ ଶିକ୍ଷୟତ୍ରୀ ଅଛନ୍ତି। ମା ସୁଜାତା ପଟ୍ଟନାୟକଙ୍କ ପ୍ରେରଣା ଏବଂ ସ୍ୱାମୀଙ୍କ ଉତ୍ସାହରୁ ସଫଳତା ମିଳିଛି ବୋଲି ପ୍ରତିକ୍ରିୟାରେ କହିଛନ୍ତି ପାୟଲ। ଆଗକୁ ସିଭିଲ ସର୍ଭିସ ପାଇଁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି ପାୟଲ।

# ଦୃଢ଼ ଇଚ୍ଛା ଶକ୍ତି ଆଗରେ ସବୁ ପ୍ରତିବନ୍ଧକ ହାର ମାନେ: ସମ୍ବିତ

ସୁବର୍ଣ୍ଣପୁର, ୧୬ ମଇ (ହି.ସ.)- କଅଁଳ ବୟସରେ ବା ଅଷ୍ଟମ ଶ୍ରେଣୀର ଶେଷ ଭାଗରେ ଡା. ଚିତ ରଞ୍ଜନ ତ୍ରିପାଠୀଙ୍କ ଏକ ମାତ୍ର ଅଲିଅଳ ପୁଅ ସମ୍ବିତ(ଲିଙ୍କନ ) ର ମାଆଙ୍କ ଅକାଳ ବିୟୋଗରେ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରିବାକୁ ପଡିଥିଲା ଛାତ୍ର ଲିଙ୍କନକୁ। ଶ୍ରୀ ରାମେଶ୍ୱର ଶ୍ମଶାନ ଘାଟରେ ମାଙ୍କୁ ମୁଖାଗ୍ନି ଦେଇ ସିଧା ଚାଲି ଆସିଥିଲା ଗ୍ରୀଡ଼କୋ କଲୋନୀ ଘରକୁ ସେ। ଖୁବ ଅଳ୍ପ ଦିନ ମଧ୍ୟରେ ପରୀକ୍ଷା ଥିଲା। ସେପଟେ ମା ସ୍ୱର୍ଗୀୟା ଦୀପାରାଣୀ ମଧ ତାକୁ ସବୁବେଳେ ଗାଇଡ଼ କରି ତାଗିଦ ବି କରୁଥିଲେ, ବାବୁ କ୍ଲାସ ଷ୍ଟାଣ୍ଡାର୍ଡ ସିକ୍ସ ରୁ ସ୍କୁଲରେ ଯେମିତି ଟପ୍ପର ହୋଇ ଆସୁଛୁ, ଷ୍ଟାଣ୍ଡାର୍ଡ ଟେନ୍ଥ ଯାଏ ସ୍କୁଲରେ ତୋର ଟପ୍ପର ପୋଜିସନ ହେବା ଆମେ ଦେଖିବାକୁ ଚାହୁଁଛୁ। ଶୁଣିଲେ ଆଶ୍ଚର୍ଯ୍ୟ ହେବେ ମା ଙ୍କୁ ମୁଖାଗ୍ନି ଦେଇ ଘରକୁ ଫେରିଲା ପରେ ଆଦୌ ବିଶ୍ରାମ ନ ନେଇ ସବୁ ଦୁଃଖକୁ ଲୁହକୁ ଛାତିରେ ଚାପି କମ୍ପ୍ୟୁଟର ଧରି ବସି ପଡିଲା ଓ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲା। ଆଉ ପରିବାର ଆତ୍ମୀୟ ସ୍ୱଜନଙ୍କୁ କହିଲା ମୁଁ ମାଙ୍କ ସ୍ୱପ୍ନକୁ ପୂରା କରିବି। ପରେ ଆଇସିଏସ ଇ କୋର୍ସରେ ସବୁ କ୍ଲାସରେ ଏପରିକି ଜିଲ୍ଲାରେ ମାଟ୍ରିକ ଟପ୍ପର ହେବାକୁ ସେଦିନ ଠୁଁ ସଂକଳ୍ପ ନେଇଥିଲା ଲିଙ୍କନ। କ୍ଲାସ ସିକ୍ସରୁ କ୍ରମାଗତ ଭାବେ ଟପ୍ପର ହେଉଥିଲା ମଧ। ଆଉ ଏକଲବ୍ୟ ଭଳି ହୃଦୟ ଧାରଣ କରି ନିଜର ସାଧନାରୁ ବିରତ ନ ହୋଇ ଦିବଂଗତା ମାଆ ଦୀପାରାଣୀଙ୍କ ସ୍ୱପ୍ନକୁ ସାକାର କରିଛନ୍ତି ସୁବର୍ଣ୍ଣପୁର ସେଂଟଆନି କନଭେଂଟ ସ୍କୁଲର ଟେନ୍ଥ କ୍ଲାସ କୃତି ଛାତ୍ର ସଂମ୍ବିତ ତ୍ରିପାଠୀ। ଆଉ ୯୭.୦୪ ଶତକଡା ମାର୍କ ସହ ସେ ଦ୍ୱିତୀୟ ସ୍ଥାନରେ ଉତୀର୍ଣ୍ଣ ହୋଇଛନ୍ତି ଏ ବର୍ଷ। ସେହିପରି ସ୍କୁଲର ପି. ଆର୍ଯ୍ୟନ ତନ୍ମୟ କ୍ରିଷ୍ଣା ୯୮ ଶତକଡା ମାର୍କ ରଖି ଜିଲ୍ଲା ଟପ୍ପର ହୋଇଥିବା ବେଳେ, ରୋହନ ମେହେର ମଧ ୯୭.୦୪ ଶତକଡା ମାର୍କ ରଖି ସମ୍ବିତଙ୍କ ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏଭଳି ମା ଓ ମାତୃଭୂମିକୁ ଗରୀୟାନ କରିବା ଲାଗି ପ୍ରତ୍ୟେକ ବିଦ୍ୟାର୍ଥୀ ସବୁ ପ୍ରକାର ପରିସ୍ଥିତିକୁ ସାମନା କରି ନିଜ ସାଧନାରେ ବ୍ରତୀ ରହିବା ଓ କୃତି ହାସଲ କରିବା ସମ୍ବିତ ହିଁ ଏଭଳି ଏକ ଉଦାହରଣ ଅଟନ୍ତି। ଯେମିତି କଥାରେ ଅଛି ଉର୍ଦ୍ଧ୍ୱ ମୁଖି ମନ ଓ ନିମ୍ନ ମୁଖି ଜଳକୁ କେହି ରୋକିପାରନ୍ତି ନାହିଁ।

# କନ୍ଦ୍ରାଭଟା ସ୍ଥାନୀୟ କୃଷକ ସୂର୍ଯ୍ୟମୁଖୀର ସଫଳ ଚାଷକରି ଆତ୍ମ ନିର୍ଭର

ବଲାଙ୍ଗିର, ୧୭/୦୫ (ନି.ପ୍ର): କନ୍ଦ୍ରାଭଟା ଭିଏସଏସର ସ୍ଥାନୀୟ କୃଷକ ମାଧବ ପାତ୍ରଙ୍କ ପ୍ରେରଣାଦାୟକ ସଫଳତାର କାହାଣୀ। ଶ୍ରୀ ପାତ୍ର ତାଙ୍କ ୧.୫୦ ଏକର ଜମିରେ ସୂର୍ଯ୍ୟମୁଖୀ ଚାଷ କରି ହରିଶଙ୍କର ଏଫଏମୟୁ ସହଯୋଗରେ, ଆମ ଜଙ୍ଗଲ ଯୋଜନା ଦଳ ଦ୍ୱାରା ଏବଂ ଖପ୍ରାଖୋଲର ଉଦ୍ୟାନ ବିଭାଗ ଦ୍ୱାରା ସମର୍ଥିତ କିଛି ଅସାଧାରଣ କାର୍ଯ୍ୟ ହାସଲ କରିଛନ୍ତି। ମାଧବଙ୍କ ଯାତ୍ରା କୃଷି କ୍ଷେତ୍ରରେ ଉତ୍ସର୍ଗୀକୃତ, ଅଭିନବତା ଏବଂ ସହଯୋଗ ପ୍ରଦର୍ଶନ କରେ। ଚାଷ ପ୍ରତି ତାଙ୍କର ଆଗ୍ରହ ସହିତ ସେ ସୂର୍ଯ୍ୟମୁଖୀ ଚାଷରେ ଉଦ୍ୟମ କରିଥିଲେ, ହରିଶଙ୍କର ଏଫଏମୟୁ ଦ୍ୱାରା ପରିଚାଳିତ ଏବଂ ଖପ୍ରାଖୋଲର ଉଦ୍ୟାନ କୃଷି ବିଭାଗରୁ ପାରଦର୍ଶିତା ଏବଂ ଆଧୁନିକ କୌଶଳ ଗ୍ରହଣ କରିଥିଲେ। ଆମ ଜଙ୍ଗଲ ଯୋଜନା ଦଳ ମାଧବ ପାଇଁ ଏକ ସୁଗମ ପରିବର୍ତ୍ତନକୁ ସୁନିଶ୍ଚିତ କଲା। ଚ୍ୟାଲେଞ୍ଜ ସତ୍ତ୍ୱେ ମାଧବଙ୍କ ନିଷ୍ଠା ତାଙ୍କୁ ବାଧା ଦୂର କରିବାକୁ ଅନୁମତି ଦେଲା। ମାଧବ, ହରିଶଙ୍କର ଏଫଏମୟୁ, ଖପ୍ରାଖୋଲର ଉଦ୍ୟାନ ବିଭାଗ ଏବଂ ଆମ ଜଙ୍ଗଲ ଯୋଜନା ଦଳର ସାମୂହିକ ପ୍ରୟାସ ମାଧ୍ୟମରେ ଆଧୁନିକ କୌଶଳ ବ୍ୟବହାର କରି ଉଲ୍ଲେଖନୀୟ ଅମଳ ହାସଲ କରିଥିଲେ। ଶ୍ରୀ ମାଧବ ପାତ୍ରଙ୍କ ସୂର୍ଯ୍ୟମୁଖୀ କ୍ଷେତ୍ର ବର୍ତ୍ତମାନ ତାଙ୍କର କଠିନ ପରିଶ୍ରମ ଏବଂ ତାଙ୍କୁ ମିଳିଥିବା ସହଯୋଗର ପ୍ରମାଣ ଭାବରେ ଛିଡା ହୋଇଛି। ଏହି ଜୀବନ୍ତ ସୂର୍ଯ୍ୟମୁଖୀ କେବଳ ଭାସ୍କର୍ଯ୍ୟକୁ ବଢାଏ ନାହିଁ ବରଂ ସମଗ୍ର ସମ୍ପ୍ରଦାୟ ପାଇଁ ସମୃଦ୍ଧତାର ପ୍ରତୀକ ଅଟେ। ହରିଶଙ୍କର ଏଫଏମୟୁ, ଖପ୍ରାଖୋଲର ଉଦ୍ୟାନ ବିଭାଗ ଏବଂ ଆମ ଜଙ୍ଗଲ ଯୋଜନା ଦଳକୁ ଆମର ଅଦମ୍ୟ ସମର୍ଥନ ପାଇଁ ଆମେ ଗଭୀର କୃତଜ୍ଞତା ଜଣାଉଛୁ। ମାଧବ ପରି କୃଷକମାନଙ୍କୁ ସଶକ୍ତ କରିବାକୁ ସେମାନଙ୍କର ପ୍ରତିବଦ୍ଧତା ପ୍ରକୃତରେ ପ୍ରଶଂସନୀୟ।

## ପିଡ଼ିଏସ୍ ସବ୍ ସେଂଟର ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ନୂଆପଡ଼ା, ୧୭/୦୫ (ନି.ପ୍ର): ପିଡିଏସ୍ ସବ ସେଂଟର ପାଇଁ ନୂଆପଡ଼ା ଜିଲାପାଳଙ୍କୁ ଭେଟିଲେ ଗାଁ ଲୋକେ। ଖଡ଼ିଆଳ ବ୍ଲକ ଠାରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି ଲୋକେ। ମାଣ୍ଡୋସିଲ ପଂଚାୟତର ପିଡିଏସ କେନ୍ଦ୍ର ଚରାଭଟା ଗାଁରେ ଥିବାରୁ ପିଡିଏସ୍ ପାଇଁ ୫ କିମି ଯିବାକୁ ପଡୁଛି ମାଳପଡ଼ାର ଲୋକଙ୍କୁ। ଫଳରେ ସେମାନେ ହଇରାଣର ଶିକାର ହେଉଛନ୍ତି। ବିଶେଷ କରି ବୟସ୍କ ଲୋକେ ରାସନ ଆଣିବାକୁ ଏତେଦୂର ଯିବାପାଇଁ ଅସୁବିଧା ଭୋଗ କରୁଛନ୍ତି।

# ଚଢ଼ା ଦରରେ ବିକ୍ରୀ ହେଉଛି ଲାଇସେନ୍ସ ପ୍ରାପ୍ତ ଦୋକାନରେ ବିଦେଶୀ ମଦ

ମାଲକାନଗିରି, ୧୭/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲାର ପଡିଆ, ପୋଟେରୁ, କାଲିମେଳା, ଏମଭି -୭୯, କୋରୁକୋଣ୍ଡା, ଚିତ୍ରକୋଣ୍ଡା, ବାଲିମେଳା, ମାଥିଲି, ଏମଭି-୭୨ ଓ ମାଲକାନଗିରି ଠାରେ ଥିବା ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦଦୋକାନ ଗୁଡିକରେ ଗ୍ରାହକ ମାନଙ୍କୁ ଚଢ଼ା ଦରରେ ମଦ ବିକ୍ରୀ କରାଯାଇ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ଖୋଲା ଖୋଲି ଖାଉଟି ଆଇନର ଉଲଂଘନ ହେଉଥିବା ଅଭିଯୋଗ ହୋଇଛି । ଏଠାରେ ଧାର୍ଯ୍ୟ ଦର ଠାରୁ ଅଧିକ ଦରରେ ବିକ୍ରି ହେଉଛି ବିଦେଶୀ ମଦ। ସରକାରଙ୍କ ପ୍ରଣୟନ ଖାଉଟି ଆଇନ ଅନୁଯାୟୀ କୌଣସି ସାମଗ୍ରୀ ସେଥିରେ ଲେଖା ଥିବା ଦର ଠାରୁ ଅଧିକ ଦରରେ ଦୋକାନୀ ବିକ୍ରି କରିପାରିବେ ନାହିଁ । ତେବେ ଏହି ନିୟମକୁ ଫୁ କରି ଉଡାଇ ଦେଉଛନ୍ତି ବିଦେଶୀ ମଦ ଦୋକାନୀ । ଏହି ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ଯେଉଁ ମଦର ଧାର୍ଯ୍ୟ ଦର ୧୫୦ ଟଙ୍କା ରହିଛି, ସେଠାରେ ଲୋକଙ୍କ ଠାରୁ ୧୭୦ ଟଙ୍କା ନିଆଯାଉଛି। ଧାର୍ଯ୍ୟ ଦର ଠାରୁ ୨୦ ଏପରିକି ୪୦ ଟଙ୍କା ଅଧିକ ନିଆଯାଉଥିବା ବେଳେ ଏହାକୁ ବିରୋଧ କଲେ ଦୋକାନୀମାନେ ଲୋକଙ୍କୁ କୁଲିଙ୍ଗ ଚାର୍ଜ, ଇଚ୍ଛା ହେଲେ ନିଅ ନ ହେଲେ ନାହିଁ କହୁଥିବା ଦେଖିବାକୁ ମିଳୁଛି । ଏହାସହ ମଦ ଦୋକାନର ମାଲିକ ଅଧିକ ଦର ନେବା ପାଇଁ କହୁଛନ୍ତି ବୋଲି ମଧ ଦୋକାନରେ କାର୍ଯ୍ୟରତ ବ୍ୟକ୍ତି ମାନେ କହିବା ସହ ଦର ଅଧିକ ନ ଦେଲେ ସାମଗ୍ରୀ ଦେଉନଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଲୋକେ ମଦ ଯେତେ ଚଢା ଦର ହେଲେ ମଧ ଅନ୍ୟ କୌଣସି ଉପାୟ ନପାଇ ବାଧ ହୋଇ କିଣୁଛନ୍ତି । ମଦ ଦୋକାନୀଙ୍କ ଏପରି ଆଇନ ଉଲଂଘନ କାର୍ଯ୍ୟ ତାଙ୍କ ପକେଟକୁ ଅଧିକ କଳାଧନ ଯୋଗାଉ ଥିବା ଚର୍ଚ୍ଚା ହେଉଛି। ଏଥିପ୍ରତି କିପରି ସ୍ଥାନୀୟ ଅବକାରୀ ବିଭାଗ ଦୃଷ୍ଟି ଦେଉନି ତାକୁ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗ୍ରାହକ ଏ ନେଇ ବିଲ୍ ମାଗିଲେ ଦୋକାନୀ ଦେଉନଥିବା ଏବଂ ଦୋକାନ ସମ୍ମୁଖରେ ମଦ ଦର ଚାର୍ଟ ଲଗାଇବାର ନିୟମ ଥିବା ବେଳେ ତାହା କରୁନଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗ ପକ୍ଷରୁ ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି ।

# ଆନ୍ତଃଜିଲ୍ଲା ବାଇକ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ : ୨ ଗିରଫ, ୬ ଗାଡି ଜବତ

ଜୟପୁର, ୧୭/୦୫ (ନି.ପ୍ର): କୋରାପୁଟ ସହରରୁ ୨ ଜଣିଆ ଆନ୍ତଃଜିଲ୍ଲା ବାଇକ ଚୋରି ରାକେଟ୍‌କୁ କାବୁ କରି ଗିରଫ କରି କୋର୍ଟ ଚାଲାଣ କରିଛି କୋରାପୁଟ ଟାଉନ ପୁଲିସ। ସହରର ଜନଗହଳିପୂର୍ଣ୍ଣ ଅଂଚଳରୁ ବାଇକ ଚୋରି କରୁଥିବା ଏହି ୨ ଲୁଟେରାଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ୬ଟି ବାଇକ୍ ଜବତ କରିଛି ପୋଲିସ । କୋରାପୁଟ ସହର ହସ୍ପିଟାଲ ପରିସର ଓ ବିଭିନ୍ନ ଅଂଚଳରୁଏହିମାନେ ବାଇକ୍ ଚୋରି କରୁଥିବା ନେଇ ଆଜି କୋରାପୁଟ ଟାଉନ ପୁଲିସ ପକ୍ଷରୁ ଏସଡିପିଓ ମନୋଜ ପୂଜାହାରୀ ଓ ଆଇଆଇସି ଧୀରେନ ପଟ୍ଟନାୟକ ଏକ ସମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସେମାନେ ହେଲେ ପୂଜାରୀପୁଟ ଅଂଚଳର ଅଜିତ କୁମାର ପାଣିଗ୍ରାହୀ(୩୦) ଓ ଚନ୍ଦନ ବଢେଇ (୨୧)। ଏହି ଦୁଇ ଜଣଙ୍କ ନାମରେ ପୂର୍ବରୁ ୪ଟି ଲେଖାଏଁ ଚୋରୀ, ଡକାୟତି ଓ ଗାଡି ଚୋରି ପରି ମାମଲା ରହିଥିବା ପୁଲିସ କହିଛି। ଆନ୍ତଃଜିଲ୍ଲା ୨ ବାଇକ ଲୁଟେରାଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ସହ ଅନ୍ୟ କେଉଁମାନେ ସମ୍ପୃକ୍ତି ରହିଛି ସେନେଇ ପୋଲିସର ତଦନ୍ତ ଜାରି ରହିଛି । ୨ ଲୁଟେରାଙ୍କ ଠାରୁ୬ଟି ବାଇକ ଜବତ ହୋଇଛି । ତଦନ୍ତ ଜାରି ରହିଥିବା ସୂଚନା ଦେଇଛି କୋରାପୁଟ ଟାଉନ ପୋଲିସ । ଚନ୍ଦନ ବଢେଇ ନାମରେ ୪ ଟି ମାମଲା ରହିଥିବା ବେଳେ ଅଜିତ ପାଣିଗ୍ରାହୀ ନାମରେ ମଧ ୪ ଟି ମାମଲା ରହିଥିବା ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଏସଡିପିଓ ମନୋଜ କୁମାର ପୂଜାରୀ ସୂଚନା ଦେଇଛନ୍ତି । ମାଥିଲି ଅଂଚଳର ଧନ ପୂଜାରୀ ନାମକ ବ୍ୟକ୍ତିର ବାଇକଟି କୋରାପୁଟ ମେଡିକାଲ କଲେଜ ହସପିଟାଲରୁ ଚୋରି ହେବା ନେଇ ଅଭିଯୋଗ କ୍ରମେ ପୋଲିସ ତଦନ୍ତ କରି କୋରାପୁଟ ସହରର ୨ ଜଣଙ୍କୁ ଗିରଫ କରିଛି ।ଗାଡି ଚୋରି କରିବାପରେ ଜୟପୁର, ନବରଂଗପୁର ଜିଲ୍ଲାରେ ଏମାନେ ବିକ୍ରୟ କରୁଥିଲେ । ତେବେ ସେମାନେ କାହାକୁ କାହାକୁ କେତୋଟି ମୋଟର ସାଇକେଲ ବିକ୍ରୟ କରିଛନ୍ତି ତାର ତଦନ୍ତ କରାଯିବ । ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ସେସବୁର ତଦନ୍ତ କରାଯିବ ବୋଲି ଏସଡିପିଓ ମନୋଜ ପୂଜାରୀ କହିଛନ୍ତି ।

# ମଦ ମୁକ୍ତ ଗ୍ରାମ ପାଇଁ ଜନ ଶୁଣାଣିରେ ଦାବି କଲେ ଧୋରଡ଼ିଆମ୍ବ ଗ୍ରାମର ଶତାଧିକ ମହିଳା

ହରିଚନ୍ଦନପୁର, ୧୭/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଧୋରଡ଼ିଆମ୍ବ ଗ୍ରାମପଂଚାୟତ ଜାମୁଦା ଗ୍ରାମକୁ ମଦ ମୁକ୍ତ ପାଇଁ ଅଂଟା ଭିଡିଛନ୍ତି ଶତାଧିକ ମହିଳା । ଗାଁରେ ମଦ ବିକ୍ରିକୁ ରୋକିବା ନିମନ୍ତେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣିରେ ଜାମୁଦା, ଧୋରଡ଼ିଆମ୍ବ, ବାଲିସାହି, କାଟେସାହି, ବଡ଼ଖମଣ, କମଳାବାହାଳି, ନୂଆଁସାହି, ନାଏକସାହି ଆଦି ସାହିର ଶତାଧିକ ମହିଳା ଏକତ୍ରିତ ହୋଇ ଜିଲ୍ଲା ପ୍ରଶାସନ ନିକଟରେ ନିଜର ଦୁଃଖ ଜଣାଇଛନ୍ତି । ସୂଚନା ଅନୁଯାୟୀ, ଜାମୁଦା ଗ୍ରାମର ବିଭିନ୍ନ ଛକ ଗୁଡ଼ିକରେ ଥିବା କେତେକ ନିର୍ଦ୍ଦିଷ୍ଟ ଗ୍ରୋସରୀ ଦୋକାନରେ ଖୋଲମ ଖୋଲା ଦିନ ରାତି ସବୁ ସମୟରେ ବିଦେଶୀ ସହ ଦେଶୀ ମଦ ବିକ୍ରି ହେଉଥିବା ସେମାନେ ଅଭିଯୋଗ କରିଛନ୍ତି । ମଦ ବିକ୍ରି ସାଙ୍ଗକୁ ଜୁଆଡିମାନଙ୍କ ଚରା ଭୂଇଁ ପାଲଟିଛି ଧୋରଡିଆମ୍ବ ପଂଚାୟତ । ବାହାଘର, ଏକୋଇସିଆ, ହାଟ, ବଜାର ସବୁଠି ଜୁଆ ଖେଳ ହେଉଥିବା ବେଳେ ମଦ ଖୋଲା ଖୋଲି ବିକ୍ରି ହେଉଛି । ଅନ୍ୟପଟେ ସନ୍ଧ୍ୟା ହେଲେ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଗାଁ । ତେବେ ଏସବୁ ବିଶୃଙ୍ଖଳା ନେଇ ଗାଁର ମହିଳା ମାନେ ବାରମ୍ବାର ବିରୋଧ କରି ମଦ ବିକ୍ରି ବନ୍ଦ କରିବାକୁ କହିଲେ ମଧ ମଦ ବିକ୍ରେତା ଓ ଜୁଆଡିମାନେ କେହି କର୍ଣ୍ଣପାତ କରୁନଥିବା ମହିଳାମାନେ ମତ ପ୍ରକାଶ କରିଛନ୍ତି । ବିଭିନ୍ନ ସମୟରେ ପୁରୁଷ ଓ ଯୁବକମାନେ ମଦ୍ୟପାନ କରି ପାରିବାରିକ ବିଶୃଙ୍ଖଳାର କାରଣ ସାଜିଛନ୍ତି । ପରିବାର ଭିତରେ ଅଶାନ୍ତି ସୃଷ୍ଟି କରି ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳହ ସୃଷ୍ଟି ହେବାର ମୁଖ୍ୟ କାରଣ ମଦ ବୋଲି ମହିଳା ମାନେ ମତବ୍ୟକ୍ତ କରିଛନ୍ତି । ବାରମ୍ବାର ଗାଁରେ ବିଶୃଙ୍ଖଳା ଦେଖା ଯାଉଥିବାରୁ ମହିଳାମାନେ ବାଧ ହୋଇ ବ୍ଲକ ସ୍ତରୀୟ ଜନ ଶୁଣାଣିରେ ଜିଲ୍ଲା ପ୍ରଶାସନକୁ ଜଣାଇଥିବା କହିଛନ୍ତି । ମଦୁଆ ମାନେ ରାସ୍ତା ଉପରେ ମଦ୍ୟପାନ କରି ଅଶ୍ଳୀଳ ଭାଷା ପ୍ରୟୋଗ ଓ ଖରାପ ଇଙ୍ଗିତ କରୁଥିବା ବେଳେ ମହିଳାମାନେ ଘରୁ ବାହାରିବାକୁ ଭୟଭୀତ ହେଉଛନ୍ତି । ଏହା ସହିତ ଗ୍ରାମର କୋମଳମତି ବାଳକ ଓ ବାଳିକା ଉପରେ ଏହାର କୁପ୍ରଭାବ ପଡୁଥିବା ପ୍ରକାଶ କରିଛନ୍ତି । ମଦ ବେପାରୀ ଓ ଯୁଆଡ଼ିଙ୍କ ଉପରେ ରୋକ ଲଗାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଗ୍ରାମକୁ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବାକୁ ଗ୍ରାମର କୁମୁଦିନୀ କିଶାନ, ଯମୁନା ନାଏକ, ଜୟନ୍ତୀ କିଶାନ, ବାସନ୍ତୀ କିଶାନ, ଗିତାଞ୍ଜଳି କିଶାନ, ପଦ୍ମିନୀ ଖଣ୍ଡା, ବବିତା ନାଏକ, ରଜନୀ କିଶାନ, ଗୀତା କିଶାନଙ୍କ ସମେତ ୭ଟି ସାହିର ମହିଳାମାନେ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି ।

# ଜିଲ୍ଲାସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ପାଳିତ

ମାଲକାନଗିରି, ୧୭/୦୫ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଜାତୀୟ ଡ଼େଙ୍ଗୁ ଦିବସ ପାଳିତ ହୋଇଯାଇଛି। ଅଷ୍ଟମ ତମ ଜାତୀୟ ଡେଙ୍ଗୁ ଦିବସର ସ୍ଲୋଗାନ ହେଉଛି : ଦୃଢତାର ସହିତ ସହଭାଗୀତା ରଖି ଡେଙ୍ଗୁକୁ ପ୍ରତିହତ କରିବା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ), ମହେଶ୍ୱର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଯେଉଁ ଆଶା, ଅଙ୍ଗନୱାଡି କର୍ମୀ ଉତ୍କୃଷ୍ଟ କାମ କରିବେ ତାଙ୍କୁ ସମ୍ବର୍ଦ୍ଧନା କରାଯିବ। ସେହିପରି ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ( ମଶା ବାହିତ ରୋଗ), ଡ଼ା. ଧନେଶ୍ୱର ମହାପାତ୍ର ଓ ଡ଼ା. ଅନିଲ ମିଶ୍ର ଉପସ୍ଥିତ ରହି ଡେଙ୍ଗୁ ନିରାକରଣର ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ, ଜିଲ୍ଲାରେ ୨୦୨୧ ମସିହାରେ ୨୬୯୮ ଡେଙ୍ଗୁ ସନ୍ଦେହୀ ରୋଗୀଙ୍କର ରକ୍ତ ପରୀକ୍ଷା କରାଯାଇ ୩୩୬ ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ୨୦୨୨ ମସିହାରେ ୫୩୦୯ ଜଣଙ୍କର ପରୀକ୍ଷା କରାଯାଇ ୩୫୯ ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା । ସେହିପରି ୨୦୨୩ ରେ ଅର୍ଥାତ୍ ବର୍ତ୍ତମାନ ପର୍ଯ୍ୟନ୍ତ ୫୮୫ ଜଣଙ୍କର ରକ୍ତ ପରୀକ୍ଷା ହୋଇ କୌଣସି ଡ଼େଙ୍ଗୁ ରୋଗୀ ଚିହ୍ନଟ ହୋଇ ନାହାନ୍ତି। ସେହିପରି ଜିଲ୍ଲା ମଶା ବାହିତ ରୋଗ ପରାମର୍ଶଦାତା, ଅଜିତ କୁମାର ଦଲାଇ, ଆଶା ଓ ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ମାନଙ୍କ କାର୍ଯ୍ୟ ପ୍ରଣାଳୀ କଣ ଓ ତାଙ୍କର ଦାୟିତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ ଚଳିତ ବର୍ଷର ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ମଶା ବାହିତ ରୋଗ ବିଶେଷଜ୍ଞ ବିକାଶ ପାଣିଗ୍ରାହୀ ସହାୟତା କରିଥିଲେ । ଏହି ଦିବସରେ ସେଠାରେ ମାଲକାନଗିରି ପୌର ପରିଷଦର ସମସ୍ତ ଆଶା, ଅଙ୍ଗନବାଡି ଓ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ।

# ବଡ଼ମାଳ ଗୋଳାବାରୁଦ କାରଖାନାକୁ ପ୍ରତିରକ୍ଷା ବିଭାଗ ସଂସଦୀୟ ଷ୍ଟାଣ୍ଡିଂ କମିଟିର ପରିଦର୍ଶନ

ବଲାଙ୍ଗିର, ୧୭/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକର ବଡ଼ମାଳ ଗୋଳାବାରୁଦ କାରଖାନାକୁ ପ୍ରତିରକ୍ଷା ବିଭାଗର ସଂସଦୀୟ ଷ୍ଟାଣ୍ଡିଂ କମିଟି ପରିଦର୍ଶନରେ ଆସି ଫେରି ଯାଇଥିବା ଜଣାପଡିଛି । ଏଥିରେ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ନେତୃତ୍ୱରେ ଏହି ଷ୍ଟାଣ୍ଡିଂ କମିଟିରେ ୧୧ ଜଣ ସହ ବଲାଙ୍ଗିର ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହଦେଓ ମଧ କମିଟି ସହିତ ଉପସ୍ଥିତ ଥିଲେ । ସାଂସଦମାନଙ୍କ ବ୍ୟତୀତ ଲୋକସଭା ସଚିବାଳୟ ତଥା ପ୍ରତିରକ୍ଷା ମନ୍ତ୍ରଣାଳୟର ଉଚ୍ଚପଦସ୍ତ ଅଧିକାରୀମାନେ ମଧ ଏହି ଗସ୍ତରେ ଉପସ୍ଥିତ ଥିଲେ । ଗତକାଲି ସୁନାବେଡାଠାରୁ ପ୍ରତିରକ୍ଷା ମନ୍ତ୍ରଣାଳୟର ହେଲିକେପ୍ଟର ଯୋଗେ ଆସିଥିବା ସମସ୍ତ ସଂସଦୀୟ ଷ୍ଟାଣ୍ଡିଂ କମିଟିର ସଦସ୍ୟ ତଥା ଅଧିକାରୀମାନଙ୍କୁ ସ୍ଥାନୀୟ ହେଲିପ୍ୟାଡଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ହେଲିପ୍ୟାଡରୁ ସିଧା କାରଖାନାର ଗେଷ୍ଟ ହାଉସ – ୧ ଯାଇ ସେଠାରେ ମଧ୍ୟାହ୍ନ ଭୋଜନ କରି ସଂସଦୀୟ ସମିତି କାରଖାନା ପରିଦର୍ଶନରେ ଯାଇଥିଲେ । ସେଠାରେ ସେମାନେ ୟୁନିଟ – ୧୦ରେ ଗୋଳା ପ୍ରସ୍ତୁତି ତଥା ୟୁନିଟ – ୫ରେ ଏକ୍ସ-ରେ ନିରୀକ୍ଷଣ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ । ତାପରେ ପ୍ରଶାସନିକ ଭବନ ପରିସରରେ ଥିବା ପ୍ରଦର୍ଶନୀ କକ୍ଷ ପରିଦର୍ଶନ କରି ମୁଖ୍ୟ ସଭାଗୃହରେ ମ୍ୟୁନିସନ ଇଣ୍ଡିଆ ଲିମିଟେଡ ଓ କାରଖାନା ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟରେ ପୁନେ ସ୍ଥିତ ମ୍ୟୁନିସନ ଇଣ୍ଡିଆ ଲିମିଟେଡ୍ର ନିର୍ଦ୍ଦେଶକ ଦେବାଶିଷ ବାନାର୍ଜୀ, ଗୋଳାବାରୁଦ କାରଖାନା ବଡ଼ମାଳର ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶଙ୍କ ସମେତ କାରଖାନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଦର୍ଶନ ସମୟରେ ଜିଲ୍ଲା ପ୍ରଶାସନ ତଥା ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହାପରେ କାରଖାନା ପରିଦର୍ଶନ ସାରି ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର କାରଖାନା ଅଭିମୁଖେ ଯାତ୍ରା କରିଥିବା ଜଣାପଡିଛି ।

# ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

## କୃଷି, ଜୀବନ ଜୀବିକା, ରାସ୍ତା, ସ୍ୱାସ୍ଥ୍ୟ ଉପରେ ଫୋକସ୍

ଭଦ୍ରକ, ୧୭/୦୫ (ନି.ପ୍ର):ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ଯୋଜନା ଓ ପରିଚାଳନା ୟୁନିଟ୍‌ର ଯୁଗ୍ମ ନିର୍ଦ୍ଦେଶକ ମହେଶ ସ୍ୱାଇଁ, ସି.ଡ଼ି.ଏମ୍.ଓ. ଡା. ସନ୍ତୋଷ କୁମାର ପାତ୍ର, ବନ୍ତ ପ ।ୟତ ସମିତିର ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଏପିଡ଼ି ଏମ୍.ଆଇ.ଏସ୍. ପ୍ରହ୍ଲାଦ ରଣା ପ୍ରମୁଖ ଯୋଗ ଦେଇଥିଲେ।

ବ୍ଲକ୍ ସର୍କୁଲାର-୪୭ ର କାର୍ଯ୍ୟାନ୍ୱୟନ ନେଇ ଜନପ୍ରତିନିଧି ମାନଙ୍କ ପ୍ରତି ପ୍ରଶାସନିକ ଅଧିକାରୀମାନଙ୍କ ଉ ର ଦାୟିତ୍ୱ ସମ୍ବନ୍ଧରେ ସଚେତନତା ମୂଳକ ଆଲୋଚନାରୁ ସଭାପତିଙ୍କ ଦ୍ୱାରା ଏହି ବୈଠକରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୧୯ଟି ବିଭାଗ ଦ୍ୱାରା ଉକ୍ତ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନା, ପ୍ରଗତି, ସଫଳତା ଓ ସମସ୍ୟା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କୃଷି, ଉଦ୍ୟାନକୃଷି, ପ୍ରାଣୀସମ୍ପଦ, ଜଙ୍ଗଲ ଓ ପରିବେଶ, ଜଳସେଚନ, ରାସ୍ତାଘାଟ, ଡ୍ରେନ୍, ମିଶନ୍ ଶକ୍ତି, ରେସନ୍ କାର୍ଡ଼, ଭ ।, ପାନୀୟଜଳ ଯୋଗାଣ, ଶିକ୍ଷା ଆଦି ସମ୍ବନ୍ଧରେ ସମୀକ୍ଷା କରାଯାଇ ଆବଶ୍ୟକ ମତେ ବିଧାୟକ ଓ ଜିଲ୍ଲାପାଳଙ୍କ ଦ୍ୱାରା ସଂପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା।

ନିକଟ ଅତୀତରେ ବନ୍ତ ବ୍ଲକ୍‌ର ରାଜସ୍ୱ ଗ୍ରାମ ଆପଣ୍ଡା ଓ କେଉଁଝର ର ଓରାଳି ମଧ୍ୟରେ ସୀମାବିବାଦକୁ ନେଇ ଘଟିଥିବା ଘଟଣା ସମ୍ବନ୍ଧରେ ଆଲୋଚନା କରାଯାଇ ଆପଣ୍ଡାରେ ପୋଲିସ୍ ବିଭାଗ ତରଫରୁ ଗୋଟିଏ ଆଉଟ୍‌ପୋଷ୍ଟ ବା ଅତିକମ୍‌ରେ ଗୋଟିଏ ବିଟ୍ ହାଉସ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ସୀମା ବିବାଦ ପରିପ୍ରେକ୍ଷୀରେ ମୂଳ ରାଜସ୍ୱ ଗ୍ରାମ ଅଳଉଡିରୁ ଗଠିତ ହୋଇଥିବା ନୂଆ ରାଜସ୍ୱ ଗ୍ରାମ ଡ଼ିହସାହି ମଧ୍ୟରେ ଥିବା ସୀମା ବିବାଦକୁ ଆପୋଷ ଆଲୋଚନା ମତେ ସମାଧାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ସ୍ମାର୍ଟ ସ୍କୁଲ ବ୍ୟବସ୍ଥା ପ୍ରତି ଆକର୍ଷିତ ହୋଇ ଘରୋଇ ସ୍କୁଲରୁ ପିଲାଙ୍କ ପ୍ରତ୍ୟାବ ର୍ତ୍ତନ ଓ ଆଗାମୀ ଦିନରେ ସରକାରୀ ସ୍କୁଲରେ ଅଧିକାଂଶ ପିଲାଙ୍କ ଅଧ୍ୟୟନ ସମ୍ଭାବନା ଦେଖାଦେଇଥିବାରୁ ପିଲା ସଂଖ୍ୟା କମ୍ ଯୋଗୁଁ ବନ୍ଦ ହୋଇଯାଇଥିବା ସ୍କୁଲ ଗୁଡ଼ିକୁ ପୁନଃ ଖୋଲିବା ପାଇଁ ପ୍ରସ୍ତାବ ଦେବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ନିର୍ବାଚନ ମଣ୍ଡଳୀର ୭ଟି ସ୍କୁଲ ପୁନଃ ଖୋଲାଯିବା ପାଇଁ ପ୍ରସ୍ତାବ ପ୍ରଦାନ କରାଯାଇଥିବା ସେ ପ୍ରକାଶ କରିଥିଲେ। ଜଣିକିଆ ଶିକ୍ଷକଥିବା ସ୍କୁଲ ପ୍ରତି ଧ୍ୟାନ ଦିଆଯାଇ ଅତିକମ୍‌ରେ ୨ ଜଣ ଶିକ୍ଷକ ଦିଆଯାଉ ବୋଲି ଆଲୋଚନା କରାଯାଇଥିଲା। ବନ୍ତ ଡାକ୍ତରଖାନାକୁ ତୁରନ୍ତ ଡାକ୍ତର ପ୍ରେରଣ ପାଇଁ ସି.ଡ଼ି.ଏମ୍ ଓଙ୍କୁ କୁହାଯାଇଥିଲା। କୃଷକ ମାନଙ୍କ ଆୟ ଦୁଇଗଣ କରାଯିବା ଆଭିମୁଖ୍ୟ ପୂରଣ ପାଇଁ ଅଣଧାନ କୃଷି ଯୋଜନାରେ ମୁଗ, ସୂର୍ଯ୍ୟମୁଖୀ ଓ ସମନ୍ୱିତ କୃଷି ସମ୍ବନ୍ଧରେ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ବୈଠକରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ମଧ୍ୟ ପ୍ରଚଳିତ ବିଭିନ୍ନ ଯୋଜନା ଜରିଆରେ କିପରି ଚାଷୀମାନଙ୍କର ରୋଜଗାର ବଢ଼ାଇବା ଦିଗରେ ପଦକ୍ଷେପ ନିଆଯାଇଛି ପ୍ରକାଶ କରାଯାଇଥିଲା। ଡ୍ରେନ ଉପରେ ଜବରଦଖଲ ଓ ନିର୍ମାଣ ଜନିତ ଅବରୋଧକୁ ଉଚ୍ଛେଦ କରାଯିବା ସହିତ ସରମରା, କାଦବରାଙ୍ଗ, ବସନ୍ତିଆ ଭଳି ଜାଗାରେ ରାସ୍ତାରେ ବର୍ଷାଦିନେ ଜମୁଥିବା ପାଣି ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ବିଷୟରେ ଆଲୋଚନା କରାଯାଇଥିଲା। ୨୦୨୩ ସୁଦ୍ଧା ସହରା ଳ ଓ ୨୦୨୪ ସୁଦ୍ଧା ଗ୍ରାମା ଳରେ ପ୍ରତି ଘରେ ପାଇପପାଣି ପହ ।ଇବା ନେଇ ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ ଏହି ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀତା ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା। ଚାଷଜମିକୁ ଜଳସେଚନ ବ୍ୟବସ୍ଥା ନେଇ ଉଠା ଜଳସେଚନ, କାଡ଼ାନାଳ ଦ୍ୱାରା ଜଳସେଚନ, ନଦୀଦ୍ୱାରା ଜଳସେଚନ ସମ୍ବନ୍ଧରେ ସମ୍ପୃକ୍ତ ଅଧିକାରୀ ମାନଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଓ ସମସ୍ୟା ଆଧାରରେ ଆଲୋଚନା କରାଯାଇଥିଲା। ମିଶନ୍ ଶକ୍ତି ଯୋଜନାରେ ମହିଳା ଗୋଷ୍ଠୀମାନଙ୍କ ସଶକ୍ତି କରଣ ପାଇଁ ଆର୍ଥିକ ସହାୟତା ଓ ଜୀବନ ଜୀବିକା ନେଇ ବିଭିନ୍ନ କ୍ଷେତ୍ରରେ ସଫଳତା ସମ୍ବନ୍ଧରେ ବିଷଦ ଆଲୋକପାତ କରାଯାଇଥିଲା। ଶିଳ୍ପର ବିକାଶ ପାଇଁ ଅଦ୍ୟାବଧି ନିଆଯାଇଥିବା ଓ ଆଗକୁ ନେବାକୁ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଆଗରପଡ଼ାରେ ହାତୀ ସମସ୍ୟା ଓ ତଦ୍‌ଜନିତ କ୍ଷତିପୂରଣ ପ୍ରଦାନ ନେଇ ସରକାରୀ ବ୍ୟବସ୍ଥା ସମ୍ବନ୍ଧରେ ସୂଚନା ପ୍ରଦାନ କରାଯିବା ସହିତ ରାସ୍ତା ତିଆରି ବେଳେ ବହୁ ସଂଖ୍ୟାରେ ବଡ଼ ବଡ଼ ଗଛ ନଷ୍ଟ ହେଉଥିବାରୁ ଆଗାମୀ ଦିନରେ ସେ ସମସ୍ୟାକୁ ଦୂର କରିବା ପାଇଁ ଏବେ ର ନୂତନ ରାସ୍ତା ର ଯଥା ସମ୍ଭବ ଦୂରରେ ବୃକ୍ଷରୋପଣ କରାଯିବା ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### କ୍ଷମତା ଭାଗବଣ୍ଟା....

ସେ ସିଦ୍ଦରମୈୟାଙ୍କ ସହ ମୁଖ୍ୟମନ୍ତ୍ରୀ ଆସନ ବାଣ୍ଟିବାକୁ ସହମତି ପ୍ରକାଶ କରିଛନ୍ତି। ହେଲେ ପ୍ରଥମାର୍ଦ୍ଧ ଅର୍ଥାତ ପ୍ରଥମ ଅଢ଼େଇ ବର୍ଷ ସେ ନିଜେ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିବା ଜିଦରେ ଅଟଳ ରହିଥିବା ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେରେ ଖବର ପ୍ରକାଶ ପାଇଛି। ଖଡଗେ ତାଙ୍କୁ ପ୍ରଥମେ ଉପ ମୁଖ୍ୟମନ୍ତ୍ରୀ ହେବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏହାକୁ ସେ ଅଗ୍ରାହ୍ୟ କରି ଦେଇଛନ୍ତି। ତେଣୁ ତାଙ୍କୁ ୨.୫ ବର୍ଷ ଲେଖାଏ ମୁଖ୍ୟମନ୍ତ୍ରୀ ଫର୍ମୁଲା ଦିଆଯାଇଥିଲା। ଏଥିରେ ସେ କିଛି ପରିମାଣରେ ରାଜି ହୋଇଛନ୍ତି। ହେଲେ ପ୍ରଥମ ଅଢ଼େଇ ବର୍ଷର ରାଜ୍ୟର କମାଣ ସମ୍ଭାଳିବାକୁ ଚାହୁଁଥିବା ଖଡଗେଙ୍କୁ ଜଣାଇ ଦେଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଏହି ସୂତ୍ରରେ କୁହାଯାଇଛି ଯେ ଶିବକୁମାର କିମ୍ବା ସିଦ୍ଦରମୈୟା ଏକାକୀ ଶପଥ ନେଇ ପାରିବେ ନାହିଁ। କାରଣ ବିଜୟ ପଛରେ ସାମୁହିକ ନେତୃତ୍ୱର ଭୂମିକା ରହିଛି। ଏଥିପାଇଁ ପୂରା ଶପଥପାଠ ଉତ୍ସବ ଓ୍ୱାନ ମ୍ୟାନ ଶୋ' ହୋଇପାରିବ ନାହିଁ। ତେଣୁ ବୁଝାସୁଝା ଜାରି ରହିଛି। ତଥାପି ଶିବକୁମାର ମୁଖ୍ୟମନ୍ତ୍ରୀ ପଦ ନ ଛାଡ଼ିବା ଜିଦରେ ଅଟଳ ରହିଛନ୍ତି। ଏହାକୁ ନେଇ ବିବାଦ ଘନଉଥିବାରୁ ଆସନ୍ତା ୪୮ ଘଣ୍ଟା ଯାଏ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବନି ବୋଲି ଦଳ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ ଘଉଞ୍ଚଠର ରିପୋର୍ଟ ମୁତାବକ ଶିବକୁମାରଙ୍କୁ ଦୁଇଟି ପ୍ରସ୍ତାବ ଦିଆଯାଇଥିଲା। ରାହୁଲ ଗାନ୍ଧି ଓ ଖଡଗେ ତାଙ୍କୁ ବୁଝାସୁଝା କରି ୨ଟି ପ୍ରସ୍ତାବ ଦେଇଥିଲେ। ପ୍ରଥମ ପ୍ରସ୍ତାବରେ ତାଙ୍କୁ କର୍ଣ୍ଣାଟକାର ଉପ ମୁଖ୍ୟମନ୍ତ୍ରୀ

### ୪୦ ଡିଗ୍ରି ...

ଭଦ୍ରକ ଏବଂ ଫୁଲବାଣୀରେ ୪୧, ଦେବଗଡ଼ରେ ୪୦.୫, କେନ୍ଦୁଝରରେ ୪୦.୪, କେନ୍ଦ୍ରାପଡ଼ା ଓ ଚାନ୍ଦବାଲିରେ ୪୦ ଡିଗ୍ରି ପାରା ଛୁଇଁଛି। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ଉପର ଦେଇ ଉତ୍ତର ବିହାରରୁ କେନ୍ଦ୍ରୀୟ ଛତିଶଗଡ଼ ପର୍ଯ୍ୟନ୍ତ ସମୁଦ୍ର ପତନ ଠାରୁ ୩.୧ କିଲୋମିଟର ଉଚ୍ଚତାରେ ଲଘୁଚାପ ରେଖା ବ୍ୟାପି ରହିଛି। ଏଥିସହ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୨ ଦିନ ମଧ୍ୟରେ ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର ଓ ନିକୋବର ଦ୍ୱୀପପୁଞ୍ଜର କିଛି ଅଂଶରେ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବହୁ ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ରହିଛି।

### ଇମ୍ରାନ ଖାଁଙ୍କ ଲାହୋର...

ଏହି କର୍ମୀମାନେ ଗତ ସପ୍ତାହରେ ଲାହୋର, ଇସ୍ଲାମାବାଦ ଆଦି ସହରରେ ଜଳାପୋଡ଼ା କରିଥିଲେ । ଏବେ ପିଟିଆଇ କର୍ମୀମାନଙ୍କୁ ପାକିସ୍ତାନ ସରକାର ଟାର୍ଗେଟ୍ କରିବାରେ ଲାଗିଛନ୍ତି । ସେମାନଙ୍କ ବିରୋଧରେ ବିଭିନ୍ନ ଆତଙ୍କବାଦୀ ଧାରା ଅନୁସାରେ ମାମଲା ରୁଜୁ କରାଯାଉଛି । ଅନ୍ୟପକ୍ଷରେ ଇସ୍ଲାମାବାଦ ହାଇକୋର୍ଟ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ବିରୋଧରେ ମେ ୯ ପରେ ରୁଜୁ ହୋଇଥିବା କୌଣସି ମାମଲାରେ ତାଙ୍କ ଗିରଫଦାରୀ ଉପରେ ରୋକ ଲଗାଇବା ଆଦେଶକୁ ମେ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଇମ୍ରାନଙ୍କ ଓକିଲ ଅଧିକ ସମୟ ପାଇଁ କୋର୍ଟଙ୍କୁ ଅନୁରୋଧ କରିବା ପରେ କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି ।

### ପହଂଚିଲେ...

ସେଠାରେ ରେଳବାଇ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ ହେବେ । ୧୯ତାରିଖ ପୂର୍ବାହ୍ନ ୧୦ଟାରେ ପୁଣିଥରେ ହରିଆଣା ଅଭିମୁଖେ ଗସ୍ତ କରିବେ । ଆଉ ୨୨ତାରିଖରେ ନିଜର ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ଓଡ଼ିଶା ଫେରିବେ । ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଥିଲେ ମଧ୍ୟ ରାଜଭବନକୁ ଏନେଇ କୌଣସି ସୂଚନା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆସିନାହିଁ । ତେଣୁ ରାଜ୍ୟପାଳଙ୍କ ଏହି ଦିନିକିଆ ରହଣୀ ମଧ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭାବନା କ୍ଷୀଣ । ଅନ୍ୟପକ୍ଷରେ ଦୁଇଦିନିଆ ଦୁବାଇ ଗସ୍ତ ଶେଷ କରି ଆଜି ଭୁବନେଶ୍ୱର ଫେରିଥିବା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ଆସନ୍ତାକାଲିଠୁ କଳାହାଣ୍ଡି ଜିଲ୍ଲା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ପୁରୀରେ ରେଳ ମନ୍ତ୍ରଣାଳୟର କାର୍ଯ୍ୟକ୍ରମରେ ଭର୍ଚୁଆଲ ମୋଡରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମିଲ ହେଉଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ଉତ୍ସବରେ ଉପସ୍ଥିତ ରହିବେ । ଶ୍ରୀ ପାଣ୍ଡିଆନ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଉକ୍ତ କାର୍ଯ୍ୟକ୍ରମରେ ରହିବେ ବୋଲି ଜଣାପଡ଼ିଛି । ଏହାପରେ ଅପରାହ୍ନରେ ଶ୍ରୀ ପାଣ୍ଡିଆନ ଦୁଇଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ସମୀକ୍ଷା ଓ ସାଧାରଣ ଲୋକଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ତେଣୁ ଏସବୁ କାରଣରୁ ଆସନ୍ତା ୨୨ତାରିଖ ପୂର୍ବରୁ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ସମ୍ଭାବନା ନଥିବା ପାୱାର କରିଡରରେ ଚର୍ଚ୍ଚା ହେଉଛି । ସୂଚନାଯୋଗ୍ୟ, ମେ' ୧୨ତାରିଖରେ ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସମେତ ରାଜ୍ୟର ଦୁଇ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଶ୍ରୀକାନ୍ତ ସାହୁ ଅପ୍ରତ୍ୟାଶିତ ଭାବେ ନିଜ ପଦରୁ ଇସ୍ତଫା ଦେଇଥିଲେ।

### ବେଙ୍ଗାଲୁରୁ-ଭୁବନେଶ୍ୱର...

ବେଙ୍ଗାଲୁରୁରୁ ଭୁବନେଶ୍ୱର ଆସୁଥିବା ଇଣ୍ଡିଗୋ ବିମାନ ରନୱେରେ ବିମାନଟି ଗଡିଥିଲା। କିନ୍ତୁ ଏହା ଉଡ଼ିବା ପୂର୍ବରୁ ଅଟକି ଯାଇଥିଲା। ଯାନ୍ତ୍ରିକ ତ୍ରୁଟି ଥିବାରୁ ବିମାନ ଉଡାଇବା ସମ୍ଭବ ହୋଇପାରି ନଥିଲା। ତେବେ ଯାନ୍ତ୍ରିକ ତ୍ରୁଟି କଣ ହୋଇଛି ଜଣାପଡିନାହିଁ। ବିମାନର ଜଣେ ଯାତ୍ରୀ ତ୍ରିନାଥ ଲେଙ୍କା କହିଛନ୍ତି, ଇଣ୍ଡିଗୋ ବିମାନଟି ବେଙ୍ଗାଲୁରୁ ବିମାନବନ୍ଦରରୁ ସନ୍ଧ୍ୟା ୬ଟା ୪୦ରେ ଉଡ଼ିବାର ଥିଲା। ଯାନ୍ତ୍ରିକ ତ୍ରୁଟି କାରଣରୁ ଏହା ଉଡ଼ିପାରି ନଥିଲା। ବିମାନଟିକୁ ଉଡ଼ାଇବା ପାଇଁ ପାଇଲଟ ବହୁ ଉଦ୍ୟମ କରିଥିଲେ। କିନ୍ତୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟେକ୍ ଅଫ୍ ହୋଇ ନପାରିବାରୁ ଶେଷରେ ଏହା ବାତିଲ ହୋଇଥିଲା।

# ୩ ଆୟୁର୍ବେଦିକ ଚିକିତ୍ସକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ବାଲେଶ୍ୱର, ୧୭/୦୫ (ନି.ପ୍ର): ଓଡ଼ିଶା ସରକାରୀ ଆୟୁର୍ବେଦିକ ଚିକିତ୍ସକ ସଂଘ (ଓଜିଏପିଏ) ପକ୍ଷରୁ ଅବସର ପ୍ରାପ୍ତ ଜିଲା ଆୟୁର୍ବେଦିକ ଚିକିତ୍ସକ ଡାକ୍ତର ଅଜୟ କୁମାର ସେଣ୍ଢ, ଡାକତର ସୁଭଦ୍ରା ବେହେରା ଓ ଡାକ୍ତର ପୁଷ୍ପରାଜ ମନ୍ତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ବାଲେଶ୍ୱର ଶାଖା ସଭାପତି ଡାକ୍ତର ଅନୀଲ କୁମାର ଦାଶ ସଭାପତିତ୍ୱ କରିଥିଲେ। ଡିଏଏସଓ ଡାକ୍ତର ପ୍ରଶାନ୍ତ ନନ୍ଦଙ୍କ ଦ୍ୱାରା ଉଦଘାଟିତ କାର୍ଯ୍ୟକ୍ରମରେ ଡାକ୍ତର ପୂର୍ଣ୍ଣଚନ୍ଦ୍ର ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟରୁ ଅବସର ନେବା କିମ୍ବା ଗୋଟିଏ ସ୍ଥାନରୁ ଅନ୍ୟଏକ ସ୍ଥାନକୁ ବଦଳି ହେବା ଜୀବନର ଧାରା ଅଟେ। ତେବେ ବ୍ୟକ୍ତିଙ୍କ କାର୍ଯ୍ୟଧାରା, ଆଚାର ବ୍ୟବହାର ହିଁ ସର୍ବଦା ସ୍ମରଣୀୟ ହୋଇ ରହିଥାଏ ବୋଲି ସେ କହିଲେ। ଏକ୍ଷେତ୍ରରେ ୩ ବିଦାୟୀ ଡାକ୍ତର ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇ ରହିବେ ବୋଲି ଡାକ୍ତର ଜେନା ମତ ପ୍ରକାଶ କରିଥିଲେ। ଆୟୁର୍ବେଦ ବିକାଶ ମଞ୍ଚର ସମ୍ପାଦକ ହିମାଂଶୁ ଶେଖର ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଚାକିରି କାର୍ଯ୍ୟକାଳ ମଧ୍ୟରେ ୩ ଚିକିତ୍ସକଙ୍କ ନିଷ୍ଠାପୂର୍ଣ୍ଣ କାର୍ଯ୍ୟଧାରା, ସମୟାନୁବର୍ତ୍ତିତା ତଥା ସହଯୋଗୀ ମନୋଭାବ ଅନ୍ୟମାନଙ୍କୁ ସବୁବେଳେ ପ୍ରେରଣା ଦେଉଥିବ ବୋଲି କହିଥିଲେ। ଡାକ୍ତର ନିରଂଜନ ଓଝା, ଡାକ୍ତର ପରେଶ ଆଚାର୍ଯ୍ୟ, ଡାକ୍ତର ଅଶୋକ ଦାସ, ଡାକ୍ତର ତ୍ରିଲୋଚନ ଧଳ ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ ସହ ବିଦାୟୀ ଚିକିତ୍ସକଙ୍କ ନିରାମୟ ଜୀବନ କାମନା କରିଥିଲେ।ଏହି ଅବସରରେ ୩ ଡାକ୍ତରଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଅବସରରେ ଡାକ୍ତର ଅଜୟ କୁମାର ସେଣ୍ଢ, ଡାକ୍ତର ସୁଭଦ୍ରା ବେହେରା ଓ ଡାକ୍ତର ପୁଷ୍ପରାଜ ମନ୍ତ୍ରୀ ଚାକିରୀ ଜୀବନର ଅନୁଭୂତି ଓ ସହକର୍ମୀଙ୍କ ମିତ୍ରତାପୂର୍ଣ୍ଣ ସହଯୋଗୀ ମନୋଭାବ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଡାକ୍ତର ରାଜୀବ ଲୋଚନ ମାଝୀ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ଡାକ୍ତର ଜୟନ୍ତ ପ୍ରଦାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଡାକ୍ତର ମୁଦାସୁଲ ଅଲି, ଡାକ୍ତର ଅଶୋକ କୁମାର ଦାସ, ଡାକ୍ତର ତପସ୍ୱିନୀ ମିଶ୍ର, ଡାକ୍ତର ସବ୍ୟସାଚୀ ମଣ୍ଡଳ, ଡାକ୍ତର ସୀତାଂଶୁ ପ୍ରଧାନ, ଡାକ୍ତର ସିପ୍ରା ଦାସ, ଡାକ୍ତର ରବି ବେହେରା, ଡାକ୍ତର ଦୁର୍ଗେଶ ନନ୍ଦିନୀ ବାସ୍କେ, ଡାକ୍ତର ସରିତା ରାୟ, ଡାକ୍ତର ଚିନ୍ମୟ ଆର୍ଯ୍ୟ, ଡାକ୍ତର ଜ୍ୟୋତ୍ସ୍ନାମୟୀ ମହାରାଜାଙ୍କ ସମେତ ଆୟୁର୍ବେଦ ଜିଲା ମୁଖ୍ୟାୟଳୟର କର୍ମଚାରୀ ମାନେ ଏଥିରେ ଉପସ୍ଥିତ ଥିଲେ।

# ଜାଗା ମିଶନରୁ ବଞ୍ଚିତ ଭୂମିହୀନ ପରିବାରଙ୍କ ଫେରାଦ

ବାଲେଶ୍ୱର, ୧୭/୦୫ (ନି.ପ୍ର): ଜାଗା ମିଶନରୁ ବଞ୍ଚିତ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୧୦ ନଂ ୱାର୍ଡ଼ ଅଙ୍ଗାରଗଡ଼ିଆ ଅଞ୍ଚଳ ଗରିବ ଭୂମିହୀନ ପରିବାରମାନେ ବୁଧବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ଯୁବନେତା ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ବହୁ ଭୂମିହୀନ ପରିବାର ଜିଲାପାଳଙ୍କୁ ସାକ୍ଷାତ ସହ ଜାଗା ମିଶନ ଯୋଜନାରେ ଘରବାଡ଼ି ପଟ୍ଟା ପାଇବାରୁ ବଞ୍ଚିତ ହେବା ଯୋଗୁଁ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ଅବଗତ କରିଥିଲେ। ସେମାନଙ୍କ ଆପତ୍ତି ଅନୁସାରେ ଅଙ୍ଗାରଗଡ଼ିଆ ଅଞ୍ଚଳରେ ୫୦ରୁ ଉର୍ଦ୍ଧ୍ୱ ଗରିବ ତଥା ଭୂମିହୀନ ପରିବାର ଦୀର୍ଘ ବର୍ଷଧରି ବସବାସ କରି ଆସୁଛନ୍ତି। ମାତ୍ର ଘରଡିହ ପଟ୍ଟା ନ ରହିବା ଯୋଗୁଁ ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ ନାହିଁ କିମ୍ବା ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ଆବଶ୍ୟକ ପ୍ରମାଣପତ୍ର ତହସିଲରୁ ମିଳିପାରୁ ନାହିଁ। ରାଜ୍ୟ ସରକାରଙ୍କ ଜାଗା ମିଶନ ଜରିଆରେ ସହରର ଅନ୍ୟାନ୍ୟ ଅଞ୍ଚଳର ଭୂମିହୀନ ବାସିନ୍ଦାଙ୍କୁ ଭୂ ଅଧିକାର ପ୍ରମାଣପତ୍ର ପ୍ରଦାନ ସହ ଆବାସ ଯୋଜନାରେ ସାମିଲ କରାଯାଇଛି। ମାତ୍ର ଅଙ୍ଗାରଗଡ଼ିଆ ଅଞ୍ଚଳର ଭୂମିହୀନ ପରିବାରମାନେ ବାରମ୍ବାର ଆବେଦନ ପରେ ବି ଜମି ପ୍ରମାଣପତ୍ର ମିଳୁ ନଥିବା ସେମାନେ ଆରୋପ କରିଛନ୍ତି। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନ ନେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି।ଏହି ଅବସରରେ ଅଙ୍ଗାରଗଡ଼ିଆ ଭୂମିହୀନ ପରିବାରଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।




## ଲାଂଚ ନେଇ ଧରା ପଡିଲେ ବେଗୁନିଆପଡ଼ା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ

ଭୁବନେଶ୍ୱର, ୧୭/୦୫ (ନି.ପ୍ର): ଭତ୍ତା କରାଇବାକୁ ଲାଂଚ ନେଉଥିଲେ । ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଲେ । ଅପରି ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକରେ । ଭିଜିଲାନ୍ସ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ ନାୟକ। ଜଣେ ହିତାଧିକାରୀଙ୍କଠୁ ସେ ୬ ହଜାର ଲାଂଚ ନେଉଥିଲେ। ସେତେବେଳେ ଭିଜିଲାନ୍ସ ଅଧିକାରୀ ମାନେ ତାଙ୍କୁ ଧରି ପକାଇଥିଲେ । ତାଙ୍କ ଠାରୁ ଲାଂଚ ଟଙ୍କାକୁ ଜବତ କରାଯାଇଛି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

# ରାସ୍ତା ନିର୍ମାଣରେ ନାହିଁ ଫଳକ: ସ୍ଥାନୀୟ ଲୋକଙ୍କ ପୋଲ ନିର୍ମାଣକୁ ଅସନ୍ତୋଷ

ଜଳେଶ୍ୱର , ୧୭/୦୫ (ନି.ପ୍ର): ଜଳେଶ୍ୱରର ବିଛିନ୍ନା ଲଭାବେ ପରିଚିତ ରାଇବଣିଆର କେତେକ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଦୁର୍ନିତୀ ହେଉଥିବାର ଅଭିଯୋଗ ହେଉଛି । କିନ୍ତୁ କାର୍ଯ୍ୟ ହେଉଥିବା ସ୍ଥାନରେ ନାମ ଫଳକ ରହୁନଥିବା ଓ ବିଭାଗୀୟ ଅଧିକାରୀଙ୍କ ସାକ୍ଷାତ ମିଳୁନଥିବାରୁ ସ୍ଥାନୀୟ ଲୋକେ ଏପରି କାର୍ଯ୍ୟକୁ ନାପସନ୍ଦ କରୁଛନ୍ତି।

ରାଇବଣିଆ ଥାନାର ଖୁଦିଆ ମାଝିସାହି ପଂଚାୟତର ସୁଜନୀ ପୋଖରୀ ଠାରୁ ତୋଟାପଡା ପ୍ରାଇମେରୀ ସ୍କୁଲ ପର୍ଯ୍ୟନ୍ତ ୨ କୋଟିରୁ ଉର୍ଦ୍ଧ୍ୱ ଖର୍ଚ୍ଚରେ ନିର୍ମାଣ ହେଉଥିବା ଆର୍‌ଡି ରାସ୍ତାର ଅନିୟମିତତା ଲାଗି ଆଜି ପୂର୍ବତନ ସରପଂଚ ସତ୍ୟଶୋଭନ ମିଶ୍ରଙ୍କ ନେତୃତ୍ୱରେ ବହୁ ବ୍ୟକ୍ତି ବିରୋଧ କରିଥିଲେ । ସେଠାରେ ପୋଲ କାର୍ଯ୍ୟ ନିର୍ମାଣ ହେଉଥିବା ସ୍ଥାନରେ ଫଳକ ନ ଥିବା, ପୋଲ ନିର୍ମାଣରେ ବ୍ୟବହୃତ ମେଟାଲ ଓ ବାଲି ନିମ୍ନ ମାନର ବୋଲି ଅଭିଯୋଗ ହୋଇଛି । ଏ ସଂପର୍କରେ ବିଭାଗୀୟ ଅଧିକାରୀ ମାନଙ୍କୁ ଫୋନ ଯୋଗେ ଅଭିଯୋଗ କରାଯାଇଥିଲେ ମଧ୍ୟ ସେଠାକୁ କୌଣସି ଅଧିକାରୀ ଆସୁନଥିବାରୁ ଜନଅସନ୍ତୋଷ ଦେଖା ଦେଇଛି । ଏପରିକି ଏହି ରାସ୍ତା ନିର୍ମାଣରେ ସରକାରୀ ସ୍ଥାନରୁ ମାଟି ଖୋଳାଯାଇ ବ୍ୟବହାର ହେଉଥିବାରୁ ଗ୍ରାମବାସୀମାନେ କ୍ଷୁବ୍ଧ ହୋଇଛନ୍ତି । ଉର୍ଦ୍ଧ କର୍ତୃପକ୍ଷ ଦୃଷ୍ଟି ଦେବାକୁ ଶିଶିର ପ୍ରଧାନ, ବ୍ରଜମୋହନ ମହାନ୍ତି, ସୁଜନ ଦାସମହାପାତ୍ର, ଦିବାକର ମହାନ୍ତି ପ୍ରମୁଖ ଦାବୀ କରିଛନ୍ତି । ଏ ସଂପର୍କରେ ଗ୍ରାମ୍ୟ ଉନ୍ନୟନ



ବିଭାଗର ଏସି୍‌ଡିଓଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସଂଯୋଗ ହୋଇ ପାରିନାହିଁ।

# ମହତୀପୁର-ଚରମ୍ପା ରାସ୍ତା: ଜବରଦଖଲ ହଟାଇବା ସହ ପାଚେରୀ ସମ୍ପୂର୍ଣ୍ଣ ପାଇଁ ଦାବି

ଖଇରା, ୧୭/୦୫ (ନି.ପ୍ର): ବାଲେଶ୍ୱର ଭଦ୍ରକ ୨ଜିଲାକୁ ସଂଯୋଗ କରୁଥିବା ମହତୀପୁର-ଚରମ୍ପା ଭାୟା ବାରାପୁର ରାସ୍ତା ନିର୍ମାଣ ଚାଲିଥିବା ବେଳେ ବିଭିନ୍ନ ଗ୍ରାମରେ ଡ୍ରେନ ଓ ପାଚେରୀ ନିର୍ମାଣ କାର୍ଯ୍ୟକୁ ଅସଂପୂର୍ଣ୍ଣ ଭାବେ ଛାଡି ଦିଆଯାଇଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହାକୁ ସମ୍ପୂର୍ଣ୍ଣ କରାଯିବାକୁ ଝିଙ୍କିରିଆ ପ ।ୟତର ପୂର୍ବତନ ସରପ ମଧୁସୁଦନ ମାଝୀ, ପ୍ରାକ୍ତନ ନାଏବ ସରପ ମଧୁସୁଦନ ଦାସ,ବୁଦ୍ଧିରାମ ଦାସ,ତରାପୁର ଗ୍ରାମର ସରସ୍ୱତୀ ପରିଡା,ଅଲିପୁର ଗ୍ରାମର ସୌରଭ ପୃଷ୍ଟି,ସଞ୍ଜୟ ପ୍ରକାଶ ଦାସ,ଜୟନ୍ତ ପାତ୍ର ପ୍ରମୁଖ ଦାବୀ କରିଛନ୍ତି । ଅଲିପୁର ଠାରେ ଡ୍ରେନ କାମ ସରିଥିଲେ ହେଁ ଏହା ଉପରେ ଘୋଡଣି ନଥିବାରୁ ଦୈନନ୍ଦିନ ଗୃହପାଳିତ ପଶୁ,ଛୋଟ ପିଲା ଦୁର୍ଘଟଣାର ଶିକାର ହେଉଛନ୍ତି । ସେହିଭଳି ତୋଟାପଡା ଓ ତରାପୁର ଗ୍ରାମ ନିକଟରେ ରାସ୍ତାକଡ ପାଚେରୀକୁ ଅଧାରେ ଛାଡି ଦିଆଯାଇଥିବାରୁ ଆଗାମି ବର୍ଷାଋତୁରେ ନୟନଜୋରୀ ପାଣିରେ ରାସ୍ତା ଧୋଇଯିବା ର ଆଶଙ୍କା ଦେଖାଦେଇଛି । ଏହାଛଡା କରାଣ୍ଡିଆ ନାଳ କଡରେ ନିର୍ମିତ ହୋଇଥିବା ପାଚେରୀକୁ କୁ ଆଗାମୀ ବନ୍ୟାକୁ ଦୃଷ୍ଟିରେ ରଖି ଏହାକୁ ଅଧିକ ଉଚ୍ଚ କରିବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି । ପତିରାଜପୁର ଜଣେ ଶିକ୍ଷୟତ୍ରୀ ସରକାରୀ ଯାଗାରେ ବାଡ ବସାଇଥିବା ବେଳେ ଏହା ରାସ୍ତା ପ୍ରଶସ୍ତୀକରଣରେ ବାଧକ ସାଜିଛି। ତୁରନ୍ତ ରାସ୍ତାକୁ ଜବରଦଖଲମୁକ୍ତ କରିବାକୁ ଉକ୍ତ ଗ୍ରାମର ହରେକୃଷ୍ଣ ସାମଲ,ମାନସ କୁମାର ପଣ୍ଡା ଓ ଗୋବିନ୍ଦ ପରିଡା ଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବୀ କରିଛନ୍ତି । ଏ ସମ୍ପର୍କରେ ତହସିଲଦାର ପ୍ରଶାନ୍ତ କୁମାର ମହାରଣାଙ୍କୁ ଯୋଗାଯୋଗ କରିବାରେ ଯଦି ମାପରେ ଶିକ୍ଷୟତ୍ରୀ ଜଣକ ସରକାରୀ ଯାଗା ଜବରଦଖଲ କରିଥିବାର ଜଣାପଡେ ତେବେ ଏହାକୁ ନିଶ୍ଚୟ ଏହାକୁ ଖାଲି କରାଯିବ । ସେହିଭଳି ଅଲିପୁର ଠାରେ ଅସମ୍ପୂର୍ଣ୍ଣ ଡ୍ରେନ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରିତିରଞ୍ଜନ ସାମଲଙ୍କୁ ଯୋଗାଯୋଗ କରିବାରେ ଘୋଡଣୀ ବ୍ୟବସ୍ଥା ସମ୍ପର୍କରେ ଠିକାଦାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି ।

## ସଫେଇ କର୍ମଚାରୀଙ୍କ ଆନ୍ଦୋଳନକୁ ନେଇ ପୌର ପରିଷଦର ଜରୁରୀ ବୈଠକ

ବାଲେଶ୍ୱର, ୧୭/୦୫ (ନି.ପ୍ର): ଗତ ଶୁକ୍ରବାର ଠାରୁ ଚାଲିଥିବା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ବାଲେଶ୍ୱର ସହରରେ କୁଢ଼ କୁଢ ମଇଳା ଜମା ହେବାକୁ ଲାଗିଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ପୌର ପରିଷଦର ଏକ ଜରୁରୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ସବିତା ସାହୁ ଏଥିରେ ସଭାପତିତ୍ୱ କରିବା ସହ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସହରରେ ଦେଖାଦେଇଥିବା ଅଭାବନୀୟ ସ୍ଥିତିକୁ ନେଇ ଉଦବେଗ ପ୍ରକାଶ କରିଥିଲେ।ଏହାର ସ୍ଥାୟୀ ସମାଧାନ ନେଇ ସେ କାଉନସିଲରଙ୍କ ମାତମତ ଲୋଡ଼ିଥିଲେ। ସାଂସଦଙ୍କ ପ୍ରତନିଧି ଚିତରଞ୍ଜନ ପଣ୍ଡା, ସଦର ବିଧାୟକଙ୍କ ପ୍ରତିନିଧି ମନୋଜ ରାଉତଙ୍କ ସମେତ ପୌରପାଳିକାର ସମସ୍ତ କାଉନସିଲର, ପୌରପାଳିକା ପରିମଳ ଓ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ ସଫେଇ କର୍ମଚାରୀଙ୍କ ଆନ୍ଦୋଳନକୁ ଯୋଗୁଁ ସହରରେ ଉପୁଜିଥିବା ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲ। ତେବେ ପୂର୍ବରୁ ସମ୍ମତି ଦେଇ ନିର୍ବାହୀ ଅଧିକାରୀ ତଥା ଉପ-ଜିଲ୍ଲାପାଳ ପୌର କାର୍ଯ୍ୟାଳୟକୁ ଆସି ମଧ ବୈଠକରେ ଯୋଗ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ପୌରାଧକ୍ଷା ଶ୍ରୀମତୀ ସାହୁ କହିଥିଲେ। ବୈଠକର ଦୀର୍ଘ ସମୟର ଆଲୋଚନା ପରେ ପ୍ରତ୍ୟେକ ୱାର୍ଡ଼ରେ ୨ଜଣ ଲେଖାଏଁ ଅଧିକ ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ ସୂଚନା ଦେଇଛନ୍ତି। ଏଥି ସହିତ ସହରର ସଫେଇ କାର୍ଯ୍ୟ ସମ୍ପାଦନ ପାଇଁ କଳା ତାଲିକାଭୁକ୍ତ ଠିକା ସଂସ୍ଥା ସହ ହୋଇଥିବା ଚୁକ୍ତି ବାତିଲ ନିମନ୍ତେ ବୈଠକରେ ଧାର୍ଯ୍ୟ ହୋଇଛି । ପୂର୍ବଭଳି ସଫେଇ କାର୍ଯ୍ୟ ପୌରପାଳିକା ପରିଚାଳନା କରିବା ପାଇଁ ସର୍ବସମ୍ମତ ନିଷ୍ପତି ନିଆଯାଇଥିବା ଶ୍ରୀମତୀ ସାହୁ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ଦୁଇ ଦିନ ମଧରେ ସଫେଇ କର୍ମଚାରୀମାନଙ୍କ ସମସ୍ୟା ସମାଧାନ ହୋଇଯିବ ବୋଲି ବିଧାୟକଙ୍କ ପ୍ରତିନିଧି ଶ୍ରୀ ରାଉତ କହିଛନ୍ତି । ଏ ସମ୍ପର୍କରେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ସହ ବିଧାୟକ ଆଲୋଚନା କରିଥିବା ସେ ସୂଚନା ଦେଇଛନ୍ତି । ତେବେ ଶାସକ ଦଳର ଅନ୍ତର୍ଦ୍ୱନ୍ଦ୍ୱ ଓ ଅଫିସର ରାଜ ଯୋଗୁଁ ସହର ସମେତ ଜିଲାରେ ନାନାଦି ସମସ୍ୟା ଉପୁଜିଥିବା କହିଛନ୍ତି ସାଂସଦଙ୍କ ପ୍ରତିନିଧି ଶ୍ରୀ ପଣ୍ଡା। ପୌରପରିଷଦ ବୈଠକରେ ସିଦ୍ଧାନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ଏ ସମ୍ପର୍କରେ ସାଂସଦଙ୍କୁ ଅବଗତ ସହ ପ୍ରତିକାର ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଶୁଭ ଜନ୍ମଦିନ ପାଳନ

ରୂପସା , ୧୭/୦୫ (ନି.ପ୍ର): ମଙ୍ଗଳବାର ଅପରାହ୍ନ ୩ ଘଟିକା ସମୟରେ ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଆଶ୍ରମର କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି -- ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ଙ୍କ କନିଷ୍ଠ ସୁ ପୁତ୍ର ମୁନି ବିଶ୍ୱଜିତ୍ ମିସ୍ତ୍ରୀ ଙ୍କ ର ଶୁଭ ଜନ୍ମଦିନ,ମୁନି ସମାଜର ଜ୍ୟୋତି, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଥିଲେ, ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଆତ୍ମଜ୍ଞାନୀ, ରାଜ୍ୟ ସହ ସମ୍ପାଦକ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ,ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ । ମଞ୍ଚାସୀନ ଥିଲେ ଆଶ୍ରମର ଉପାଧ୍ୟକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ



କନକଲତା ମହାପାତ୍ର ମହୋଦୟା, ସମ୍ପାଦକ ରାମଚନ୍ଦ୍ର ବେହେରା ମହୋଦୟ, ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା, କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମହୋଦୟା। ଯୋଗୀ ଭିକାରି ଚରଣ ମୁନି ମହୋଦୟ ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ,ବିଶ୍ୱଜିତ ଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଜଣେ ମୁନି ସମାଜର ଯମ ନିୟମ ପାଳନ କରି ପ୍ରତିଦିନ ଯୋଗ ସାଧନ ଜାରି ରଖି ଚାଲିଥିଲେ, ସେ ସର୍ବଦା ସୁଖ ଶାନ୍ତି ଆନନ୍ଦରେ ରହିବା ସହିତ ନିଶ୍ଚୟ ଅତ୍ମଦର୍ଶନ କରିପାରିବ, ଏଥିରେ ସନ୍ଦେହର ଅବକାଶ ନାହିଁ , ଏହା ସମସ୍ତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଉପସ୍ଥିତ ଥିଲେ,ମୁନିରାଜ ଅନାଦି ବାରିକ,ରଘୁନାଥ ମୁନି, ମୁନିରାଜ୍ଞୀ ବିମଳା ଲେଙ୍କା,ଯୋଗ ଅଧିକା ବାସନ୍ତୀ ମହାଲିକ,ମୁନି କୁମାରୀ ମିନତୀ ଦଳାଇ,ମୁନି ନାରାୟଣ ମହାପାତ୍ର,ମୁନି ଚିତ୍ତରଞ୍ଜନ ବର, ଗଣେଶ୍ୱର ମୁନି,ମୁନି ଶମ୍ଭୁ ଧଳ, ସିନ୍ଧୁ ସିଂ,ଯମୁନା ପାତ୍ର, ମୁନିମତୀ ସରସ୍ୱତୀ ନନ୍ଦ,ମିନତୀଦ ମାଝୀ,ଉର୍ମିଳା ରାଉଳ,ବାସନ୍ତୀ ଜେନା,ପ୍ରମିଳା ବେହେରା ଏବଂ ମୁନି କୁମାର ତାପସ,ମୁନିକୁମାର ତ୍ରିଶାନ୍ ମିସ୍ତ୍ରୀ ଇତ୍ୟାଦି ବହୁ ଶିବ ମୁନିଙ୍କ ପରିବାରର ସଦସ୍ୟ ସଦସ୍ୟା ବୃନ୍ଦ ।ଶେଷରେ ଆଦର୍ଶ ପିତା ଯୋଗୀ ଭିକାରି ଚରଣ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

## ଦ୍ୱାରିକାଠାରେ ଆମ୍ ଆଦମୀ ପାର୍ଟିର ପଥପ୍ରାନ୍ତ ସଭା

ଲଙ୍ଗଳେଶ୍ୱର , ୧୭/୦୫ (ନି.ପ୍ର): ବାଲିଆପାଲ ବ୍ଲକ୍ ଅନ୍ତର୍ଗତ ଜମ୍ବୀରାଇ ପଞ୍ଚାୟତ ରେ ଦ୍ୱାରୀକା ହାଟ ଛକରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଏକ ପଥପ୍ରାନ୍ତ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ପଥପ୍ରାନ୍ତ ସଭା ରେ ବସ୍ତା ନିର୍ବାଚନ ମଣ୍ଡଳୀ ସଭାପତି ସରୋଜ କୁମାର ରାଉଳ ସଭାପତିତ୍ୱ କରିଥିଲେ।ଏହି ବୈଠକରେ ବସ୍ତା ବ୍ଲକର ଉପସଭାପତି ଅମିୟ ମହାନ୍ତି, ସମ୍ପାଦକ ସୋମନାଥ ରାଉତ , ଶ୍ରୀକାନ୍ତ ବାବୁ ଯୋଗ ଦେଇ ଥିଲେ।ସଭାରେ ଆମ୍ ଆଦମୀ ପାର୍ଟି ର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇଶହ ୟୁନିଟ୍ ବିଜୁଳି, ଶିକ୍ଷା , ସ୍ୱାସ୍ଥ୍ୟ, ପାଣି ଓ ରୋଜଗାର ଆଦି ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏବଂ ଆଗାମୀ ଦିନରେ ବସ୍ତା ବିଧାନସଭା ରେ କିପରି ଭାବରେ ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରିବାକୁ ହେବ ତାହା ମଧ ଆଲୋଚନା କରାଯାଇଥିଲା।



## ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ଜଳେଶ୍ୱର , ୧୭/୦୫ (ନି.ପ୍ର): ଜଳେଶ୍ୱର ପୌରପରିଷଦର ୧୧ନଂ ୱାର୍ଡରେ ସ୍ୱୟଂ ସହାୟତ ଗୋଷ୍ଠୀର ମାତୃଶକ୍ତିଙ୍କ ନିମନ୍ତେ ଏକ ମିଶନଶକ୍ତି ଗୃହ୍ ଉଦ୍‌ଘାଟନ ହୋଇ ଯାଇଛି । ଏହି ଗୃହକୁ ପୌରପାଳ ପ୍ରତୀପ ପ୍ରଧାନ ଉଦ୍‌ଘାଟନ କରି ଥିବା ବେଳେ ପୌର ଅଧିକାରୀ ଅଜୟ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ପ୍ରତିନିଧି ବିଜୟ କାମିଲା, ସତ୍ୟଦାସ ମହାପାତ୍ର, ବିଜେଡି ନଗର ସଭାପତି ସୁରଜିତ ଘୋଷ, ଆନନ୍ଦ କର, କାଉନ୍‌ସିଲର ସୁରଜ ଚୌରାସିଆ, ସଂଜିବ ପାଳ, ଚି ରଂଜନ ମହାନ୍ତି, କବିତା ଧଳ, ଜଗଦୀଶ ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଆପାଳ ବ୍ଲକରେ ଅଫିସର ଓ କିରାଣୀ ମରୁଡ଼ି: ବିକାଶ କାର୍ଯ୍ୟ ବାଧାପ୍ରାପ୍ତ

ଲଙ୍ଗଳେଶ୍ୱର, ୧୭/୦୫ (ନି.ପ୍ର): ରାଜ୍ୟରେ ବିଭିନ୍ନ ବିଭାଗରେ ହଜାର ହଜାର ପଦବୀ ଖାଲି ପଡିଥିବା ବେଳେ ବାଲିଆପାଳ ବ୍ଲକରେ ବହୁ ପଦବୀ ଖାଲି ପଡ଼ିଛି।ନାହିଁ ନାହିଁରେ ଚାଲିଛି ବାଲିଆପାଳ ବ୍ଲକ।ଅଫିସର ଓ କିରାଣୀ ମରୁଡ଼ି।ବ୍ଲକ ର ବିକାଶ କାର୍ଯ୍ୟ ହେବ କିପରି ବୋଲି ସ୍ୱର୍ବ ସାଧାରଣରେ ପ୍ରଶ୍ନ ହିଁ ପ୍ରଶ୍ନ।ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଗ୍ରାମ୍ୟ ବିକାଶକୁ ଗୁରୁତ୍ୱ ଦେଉଥିବା ବେଳେ ଗତ ଫେବୃଆରୀ ମାସରୁ ବ୍ଲକରେ ଜିପିଇଓ ନାହାଁନ୍ତି।ଏଠାରେ ଥିବା ଜିପିଇଓ ରାମଚନ୍ଦ୍ର ମାରାଣ୍ଡି ଅବସର ଗ୍ରହଣ କରିବା ପରେ ଆଉ କେହି ତାଙ୍କ ସ୍ଥାନରେ କାର୍ଯ୍ୟରେ ଯୋଗଦେଇ ନାହାନ୍ତି।ସେହି ଦିନ ଠାରୁ ଏହି ପଦବୀ ଖାଲି ପଡ଼ିଛି।ବ୍ଲକର ଏ ବିଡିଓ ପଦବୀ କେଉଁ କାଳରୁ ଖାଲି ପଡ଼ିଛି।ଏବିଡ଼ିଓ ଥିବା ଲାଦ ମୁର୍ମୁ ଏବିଡ଼ିଓ ଥାଇ ବିଡିଓ କାର୍ଯ୍ୟ ତୁଲାଉ ଥିଲେ।କାରଣ ସେତେବେଳେ ବିଡିଓ ପଦବୀ ଖାଲି ପଡିଥିଲା।ଦୁଇ ବର୍ଷ ତଳୁ ସେ ଏଠାରୁ ଯିବା ପରେ ଆଉ ଏବିଡିଓ କେହି ଆସି ନାହାନ୍ତି।ବ୍ଲକର ସମସ୍ତ କାର୍ଯ୍ୟ କୁ ଯିଏ ତଦାରଖ କରିବା ସହିତ ନୂତନ ଯୋଜନା ବିଷୟରେ କାର୍ଯ୍ୟ କରିଥାନ୍ତି ସେ ହେଉଛନ୍ତି ପିଏ ତାହା ବି ଖାଲି।ବ୍ଲକର ବିଭିନ୍ନ ପ୍ରକାର ଭତ୍ତା କଥା ଯିଏ ବୁଝି ଥାଆନ୍ତି ସିଏ ହେଲେ ବ୍ଲକର ବିଏସଏସଓ ତାହାବି ଖାଲି ଏହି ପଦବୀରେ ଜଣେ ଜୁନିୟର କିରାଣୀ ବୁଝା ବୁଝି କରୁଛନ୍ତି।ଏବେ ବ୍ଲକର ଶହ ଶହ ବୁଢା ବୁଢ଼ୀ ବ୍ୟାଙ୍କ ଖାତା ମାଧମରେ ଟଙ୍କା ପାଇବାରେ ହଇରାଣ ହେଉଛନ୍ତି।ବ୍ୟାଙ୍କ ଖାତାକୁ ଭତ୍ତା ଟଙ୍କା ଯାଇଛି ବୋଲି ବ୍ଲକରୁ କୁହାଯାଉଥିବାବେଳେ ବାସ୍ତବରେ ଖାତାରେ ଟଙ୍କା ନାହିଁ।ବ୍ଲକର ଡେଭଲପମେଣ୍ଟ, ଏଷ୍ଟାବ୍ଲିସମେଣ୍ଟ କିରାଣୀ ନାହାନ୍ତି।ଏହା ସହିତ ୩ ଜଣ ସିନିୟର କିରାଣୀରୁ ଜଣେ ଥିବା ବେଳେ ବ୍ଲକରେ ଜୁନିୟର କିରାଣୀ କେହି ନାହାଁନ୍ତି।ବ୍ଲକର ୨୮ ପଞ୍ଚାୟତର ୨୮ ଜଣ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରହିବା କଥା ମାତ୍ର ୨୮ ରୁ ଅଛନ୍ତି ୧୪ ଜଣ।ବ୍ଲକର ଦୀର୍ଘଦିନ ଧରି ସହକାରୀ ଯନ୍ତ୍ରୀ ନାହାନ୍ତି। ବାଲେଶ୍ୱର ସର୍ବଶିକ୍ଷା ବିଭାଗର ସହକାରୀ ଯନ୍ତ୍ରୀ ଗିରିଜା ଶଙ୍କର ପ୍ରଧାନ ତାଙ୍କ ନିଜ ଦାଇତ୍ୱ ସହିତ ବାଲିଆପାଳ ବ୍ଲକ ଚାର୍ଜରେ ଅଛନ୍ତି।ବ୍ଲକର ଅତି କମରେ ୮ ଜଣ କନିଷ୍ଠ ଯନ୍ତ୍ରୀ ରହିବା କଥା ମାତ୍ର ଅଛନ୍ତି ୬ ଜଣ।ସେହିପରି ବ୍ଲକର ଏକାଉଣ୍ଟ ଅଫିସର ନାହାଁନ୍ତି ।ଏଠାରୁ ଯାହାର ଅନ୍ୟତ୍ର ବଦଳି ହେଉଛି ତାଙ୍କ ବଦଳରେ ଆଉ କେହି ଆସୁ ନାହାଁନ୍ତି।ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ଗୋଟିଏ ବ୍ଲକର ଏତେ ଅଫିସର ଆଉ କର୍ମଚାରୀ ଅଭାବ ହୁଏ ବ୍ଲକ କାର୍ଯ୍ୟ ଚାଲିବ କିପରି। ଏଠାରେ ଏବେ ବିଡିଓ ଦାୟିତ୍ୱ ରେ ଥିବା ବିନୋଦ ଚନ୍ଦ୍ର ପଣ୍ଡା ଦିନରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାର୍ଯ୍ୟରେ ବ୍ୟସ୍ତ ରହିଥାଆନ୍ତି।ବିଡିଓ ଶ୍ରୀ ପଣ୍ଡା ନିଜ କାର୍ଯ୍ୟ ସହ କିରାଣୀଙ୍କ କାର୍ଯ୍ୟ ବି କରୁଥିବାର ଦେଖିବାକୁ ମିଳୁଛି।ସରକାର ଏଦିଗରେ ଧ୍ୟାନ ଦେବାକୁ ସର୍ବସାଧରଣରେ ଦାବୀ ହେଉଛି।

# ନୀଳଗିରି ନିମ୍ସ ପରିସରରେ ଦଶମ ଅନ୍ତର୍ଜାତିକ 'ଆର୍ଟ ଅଫ ଗିଭିଂ' ଦିବସ ପାଳିତ

ନୀଳଗିରି , ୧୭/୦୫ (ନି.ପ୍ର): ନୀଳଗିରି ଇଂରାଜୀ ମିଡିଅମ ସ୍କୁଲ ପରିସରରେ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ପ୍ରେରଣାରେ କୀଟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଦଶମ ଅନ୍ତର୍ଜାତୀକ 'ଆର୍ଟ ଅଫ ଗିଭିଂ' ଦିବସ ପାଳିତ ହୋଇଯାଇଅଛି। ପ୍ରତିଷ୍ଠାତା ଡ.ଗଦାଧର ବେହେରାଙ୍କ ଉପସ୍ଥିତିରେ ଅଧକ୍ଷ ମମତା ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ଭାବରେ ବାବାପଞ୍ଚଲିଙ୍ଗେଶ୍ୱର ସ୍ନାତକ ମହାବିଦ୍ୟାଳୟର ଅଧାପକ ଡ. ଅକ୍ଷୟ କୁମାର ପାଣିଗ୍ରାହୀ କିଟ ବିଶ୍ୱବିଦ୍ୟାଳୟ ଏବଂ 'ଆର୍ଟ ଅଫ ଗିଭିଂ' ର ଆଭିମୁଖ୍ୟ ଜଣାଇଥିଲେ। ଏଥିରେ ଜଗା ବିନ୍ଧାଣୀ ଗୁଡିଖାଣିଆ, ଦଶରଥ ମୁର୍ମୁ ଗୁଡିଖାଣିଆ, ଉଷାମୁଖୀ ସାନଅତା, ଲକ୍ଷ୍ମୀ ପ୍ରିୟ ବଇଠା ବରିସାହି, ମଧୁସ୍ମିତା ବଇଠା ବାରିସାହି, ମହେଶ୍ୱର ଜେନା ରାଇଗାଁ, କୈଳାଶ ସିଂ ରାଇଗାଁ, ତପସ୍ୱିନୀ ସିଂ ରାଇଗାଁ, କାଜଲ ସିଂ ରାଇଗାଁ, ସୁଭଦ୍ରା ସିଂ ରାଇଗାଁ, ଫୁଲ ସିଂ ରାଇଗାଁ, ବବିତା ବେହେରା ସାନଅତା ଇତ୍ୟାଦି ବାରଜନଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସମାଜସେବୀ ଟୁନୁ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ମାନେ ସହଯୋଗ କରିଥିଲେ। ଅନୁରୂପ ଭାବେ ନୀଳଗିରି ଥାନା ଅଧିନ ସନ୍ତରାଗଡ଼ିଆ ବାବପଞ୍ଚଲିଙ୍ଗେଶ୍ୱର ସ୍ନାତକ ମହାବିଦ୍ୟାଳୟ ପରିସରରେ 'ଆର୍ଟ ଅଫ ଗିଭିଂ 'ଦିବସ ପାଳନ



ହୋଇଯାଇଅଛି ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଙ୍କ ପ୍ରେରଣାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଡ. ଗୌରହରି ଜେନା ସଭାପତିତ୍ୱ କରିଥିଲେ। ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ ପୂର୍ଣଚନ୍ଦ୍ର ବାରିକ ମୁଖ୍ୟ ଅତିଥି, ନୀଳଗିରି ମହାବିଦ୍ୟାଳୟର ପ୍ରାଧାପକ ଡ. ପ୍ରଦୀପ୍ତ କୁମାର ଦାସ ମହାପାତ୍ର ମୁଖ୍ୟ ବକ୍ତା, ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ବେହେରା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ଅକ୍ଷୟ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।

# ନୟାଗ୍ରାମ ଜଂଗଲର ହରିଣ ଚୁଡାମଣିପୁର ଗ୍ରାମରେ ମୃତ

ଜଳେଶ୍ୱର , ୧୭/୦୫ (ନି.ପ୍ର): ଆଜି ସକାଳେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନାର ସର୍ଦ୍ଧାରବନ୍ଧ ପଂଚାୟତର ଚୁଡାମଣିପୁର ଠାରେ ଏକ ହରିଣକୁ ଦଳେ କୁକୁର ଆକ୍ରମଣ କରି ମାରିଦେଇଥିବା ଜଣାଯାଇଛି । ପ୍ରକାଶଯୋଗ୍ୟ ପଶ୍ଚିମବଂଗର ନୟାଗ୍ରାମ ଜଂଗଲର ହରିଣ, ଚିତାବାଘ, ହାତୀ ଓଡିଶାର ବାଲେଶ୍ୱର ଜିଲାର ରାଇବଣିଆ ଅଂଚଳକୁ ପଶିଆସି ବ୍ୟାପକ କ୍ଷତି ଘଟାଇଥାନ୍ତି । ଅତୀତରେ ୩ଟି ହରିଣ ଓଡିଶାରୁ ଉଦ୍ଧାର କରି ପଶ୍ଚିମବଂଗର ନୟାଗ୍ରାମ ବନବିଭାଗକୁ ହସ୍ତାନର କରାଯାଇଥିବା ବେଳେ ଆଜି ନୟାଗ୍ରାମ ଜଂଗଲ କଡେକଡେ ହରିଣଟି କ୍ଷୀପ୍ରଗତିରେ ଚୁଡାମଣିପୁର ଗାଙ୍କୁ ଆସିଥିଲା । କିନ୍ତୁ ଜଂଗଲି କୁକୁର ଗୁଡିକ ସେମାନଙ୍କୁ କାମୁଡି ଖଣ୍ଡିଆ ଖାବରା କରିଥିଲେ। ପରେ ଜଳେଶ୍ୱର ଫରେଷ୍ଟ ରେଞ୍ଜ ଅଧିନ ଧାନ ଘେରା ଜଂଗଲ କାର୍ଯ୍ୟାଳୟର ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ହରିଣଟି ମରି ପଡିଥିବା ଦେଖିବାକୁ ପାଇଥିଲେ । ରେଞ୍ଜର ଜୟଶ୍ରୀ ମୁର୍ମୁଙ୍କ ନିର୍ଦ୍ଦେଶରେ ପ୍ରାଣିଚିକତ୍ସକ ଶୁଭସ୍ମିତା ଦାସ ଶବ ବ୍ୟବଚ୍ଛେଦ କଲାପରେ ହରିଣଟିଙ୍କୁ ବନକାର୍ଯ୍ୟାଳୟ ପରିସରରେ ପୋତାଯାଇଥିବା କୁହାଯାଇଛି ।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo